ବର୍ଷ-୨୫, ସଂଖ୍ୟା-୪୮
ଭୁବନେଶ୍ୱର
୧୮, ଫେବ୍ରୁଆରୀ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 48
Bhubaneswar
18 February, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ମୋହନଙ୍କ ସନ୍ତୁଳିତ ବଜେଟ୍

ଭୁବନେଶ୍ୱର,୧୭।୨(ମହାଭାରତ): ରାଜ୍ୟ ବଜେଟ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ସୋମବାର ବିଧାନସଭାରେ ଉପସ୍ଥାପିତ ହୋଇଛି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରିଛନ୍ତି। ଏଥର ବଜେଟର ଆକାର ୨.୯୦ ଲକ୍ଷ କୋଟି ରହିଥିବା ବେଳେ ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦର ୨୭.୩ ପ୍ରତିଶତ ଅଟେ । କାର୍ଯ୍ୟକ୍ରମ ବ୍ୟୟ ୧.୭୦ ଲକ୍ଷ କୋଟି ହୋଇଥିବା ବେଳେ ଏହା ମୋଟ

## ୨.୯୦ ଲକ୍ଷ କୋଟି ର ବଜେଟ ଉପସ୍ଥାପନ

ବଜେଟ ଅଟକଳର ୫୮.୬ ପ୍ରତିଶତ । ପୁଞ୍ଜି ବିନିଯୋଗ ୬୫,୦୧୨ କୋଟି ଟଙ୍କା ହୋଇଥିବା ବେଳେ ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୧ ପ୍ରତିଶତ ଅଟେ । ସାମାଜିକ କ୍ଷେତ୍ର ପାଇଁ ୧,୧୯,୫୬୫ କୋଟି ଟଙ୍କା ହୋଇଥିବା ବେଳେ ଏହା ମୋଟ ବଜେଟ ଅଟକଳର ୪୧ ପ୍ରତିଶତ ଅଟେ । ଆର୍ଥିକ କ୍ଷେତ୍ର ପାଇଁ ୯୧,୬୪୭ କୋଟି ଟଙ୍କା ରହିଥିବା ବେଳେ ଏହା ମୋଟ ବଜେଟ ଅଟକଳର ୩୨ ପ୍ରତିଶତ ଅଟେ । ଉନ୍ନୟନମୂଳକ ବ୍ୟୟ ୨,୧୧,୨୧୨ କୋଟି ରହିଥିବା ବେଳେ ଏହା ମୋଟ ବଜେଟ ଅଟକଳର ୭୩ ପ୍ରତିଶତ ଅଟେ । ରାଜସ୍ୱ ବଳକା ୩୧,୮୦୦ କୋଟି ଟଙ୍କା ହୋଇଥିବା ବେଳେ ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୦ ପ୍ରତିଶତ



ଅଟେ । ବିତ୍ତୀୟ ନିଅଂଟ ୩୪,୨୦୦ କୋଟି ଟଙ୍କା ହୋଇଥିବା ବେଳେ ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୨ ପ୍ରତିଶତ । ସେହିପରି ଋଣ ଭାର ୧,୩୪,୯୧୪ କୋଟି ଟଙ୍କା ଥିବା ବେଳେ ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦର ୧୨.୭ ପ୍ରତିଶତ ଅଟେ।

ବିଧାନସଭାରେ ବଜେଟ୍ ଅଧିବେଶନରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ,ମୁଁ ଆଜି ବିଧାନ ସଭାରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ବଜେଟ୍ ଉପସ୍ଥାପନ କରିଅଛି। ଏହା ଲୋକଙ୍କ ସରକାରର ଦ୍ୱିତୀୟ ବଜେଟ । ଆମ ସରକାର ସମୃଦ୍ଧ ଓଡିଶା - ୨୦୩୬ଗଠନର ଜୟ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁ ସମୟରେ ଆମେ ୫୦୦ ବିଲିୟନ ଅମେରିକୀୟ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଆଶା ରଖିଛୁ। ବିକଶିତ ଓଡିଶା ପାଇଁ ଆମର ଦୃଷ୍ଟିକୋଣ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ରଣନୀତି ଉପରେ ଆଧାରିତ ବିକଶିତ ଭାରତ-୨୦୪୭ର ଅଭିବୃଦ୍ଧି ପାଇଁ,ଓଡିଶା ଏକ ଇଞ୍ଜିନ ଭାବରେ କାର୍ଯ୍ୟ କରିବ। ୨୦୨୫-୨୬ ଆର୍ଥିକ ବର୍ଷର ଏହି ବଜେଟ୍ କେବଳ କିଛି ସଂଖ୍ୟାର ଉପସ୍ଥାପନା ନୁହେଁ ଏହା ଓଡ଼ିଶାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଶକ୍ତିଶାଳୀ ଓ ନିର୍ଣ୍ଣାୟକ ପଦକ୍ଷେପ। ଏଥିପାଇଁ ଆମେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ ଏବଂସାର୍ବଜନୀନ କ୍ରୀଡା ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁ ଦେଇ ଏହି ବଜେଟ୍ ପ୍ରସ୍ତୁତ କରିଛୁ। ଏଥିସହିତ ସ୍ୱତନ୍ତ୍ରଭାବେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ଏବଂ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ସୁଦକ୍ଷ ଜନସେବା ପ୍ରଦାନ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ଅମେ ସମ୍ପୂର୍ଣ୍ଣଭାବେ ପ୍ରତିଶ୍ରୁତିବଦ୍ଧ ।ଆର୍ଥିକବର୍ଷ ୨୦୨୫-୨୬ ପାଇଁମୋଟ ୨ ଲକ୍ଷ ୯୦ ହଜାର କୋଟିଟଙ୍କା ବଜେଟ୍ ଅଟକଳ ହୋଇଅଛି, ଯାହାକି ବିଗତ ବର୍ଷର ବଜେଟ୍ ଅଟକଳ ଠାରୁ ପ୍ରାୟ ୧୦ପ୍ରତିଶତ ଅଧିକ ଅଟେ । ଏହି ବଜେଟ୍ ଅଟକଳ ମଧ୍ୟରୁ ୧ ଲକ୍ଷ ୭୦ହଜାର କୋଟି ଟଙ୍କାର ପ୍ରସ୍ତାବିତ କାର୍ଯ୍ୟକ୍ରମବ୍ୟୟ,ମୋଟ ବଜେଟ୍ ଅଟକଳର ୫୯% ।ଚଳିତ ବଜେଟରେ ଆକଳନ କରାଯାଇଥିବା ୬୫ ହଜାର ୧୨ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬ ଦଶମିକ ୧ ପ୍ରତିଶତ, ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ। ପୁଞ୍ଜି ନିବେଶ ଅନ୍ତର୍ଗତ ପ୍ରମୁଖ ପ୍ରକଳ୍ପଗୁଡିକ ହେଲା ବନ୍ଦର ଭିତ୍ତିକ ବିକାଶ ,ଅଟଳ ଏକ୍ସପ୍ରେସୱେ,ବିସ୍ତୃତ ସିଟି ରୋଡ୍ ଡି-କଞ୍ଜେସନ୍ ଯୋଜନା,ଭୁବନେଶ୍ୱରର ଆଉଟର ରିଙ୍ଗରୋଡ୍,ରାଜ୍ୟବ୍ୟାପୀ ସଡ଼କ ନେଟାର୍କ ଉନ୍ନତି ଯୋଜନା, ଓବ୍ରହ୍ମପୁର-ଜୟପୁର ୬ ଲେନ୍ ବିଶିଷ୍ଟ ଗ୍ରୀନ୍ ଫିଲ୍ଡ ଏକ୍ସପ୍ରେସ ୱେ, ରାଜପଥ ଏବଂ ଏକ୍ସପ୍ରେସ ଗୁଡିକର ତ୍ୱରିତ ନିର୍ମାଣ ପାଇଁଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଢାଞ୍ଚାରେ ଏକ ସ୍ୱୟଂଶାସିତ ସଂସ୍ଥା ଓଡ଼ିଶା ରାଜପଥ ପ୍ରାଧିକରଣ ଗଠନ କରାଯିବ। ୨୦୨୯-୩୦ ସୁଦ୍ଧା ୭୫ ହଜାର କିଲୋମିଟର ବଶ୍ୱସ୍ତରୀୟ ସଡ଼କ ନିର୍ମାଣ କରିବା ପାଇଁ ଆମେ ଯୋଜନା ପ୍ରସ୍ତୁତ କରିଛୁ।

ଏହି ବଜେଟରେ ଗ୍ରାମୀଣ ଅର୍ଥନୀତିକୁ ଚଳଚଞ୍ଚଳ କରିବା ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଇଛି ।ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକ ମାନଙ୍କର ଆୟ ବୃଦ୍ଧି ପାଇଁ ଏହି ବଜେଟରେ ପିଏମକିଷାନ, ସିଏମ କିଷାନ ସୁଭଦ୍ରା, ସମୃଦ୍ଧ କୃଷକ ଯୋଜନା, ସାମାଜିକ ସୁରକ୍ଷା ପେନସନ ଆଦି ଯୋଜନା ଜରିଆରେ ପ୍ରାୟ ୩୦ ହଜାର କୋଟି ଟଙ୍କାରୁ ଅଧିକ ନଗଦ ଅର୍ଥ ହସ୍ତାନ୍ତର ହେବ।

ଏନଏସଏଫଏ, ଜଳ ଜୀବନ ମିଶନ, ଆୟୁଷ୍ମାନଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ତଥା -ଓ ଅନ୍ତୋଦୟ ଗୃହ ଯୋଜନା ଜରିଆରେ ରାଜ୍ୟ ବଜେଟ୍ ରୁ ୨୨ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ବିନିଯୋଗ କରାଯିବ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ବାସଗୃହ ନିରାପତ୍ତାକୁ ଅଧିକସୁନିଶ୍ଚିତ କରାଯାଇଛି ।

### ବଜେଟ୍‌ରେ କେଉଁ ବିଭାଗକୁ କେତେ

| | |
|---|---|
| ଗୃହ ବିଭାଗ | ୧୦୭୫୯.୯୦ କୋଟି |
| ସାଧାରଣ ପ୍ରଶାସନ ବିଭାଗ | ୭୪୦.୬୮ କୋଟି |
| ରାଜସ୍ୱ ବିଭାଗ | ୧୯୧୩.୨୮ କୋଟି |
| ଆଇନ୍ ବିଭାଗ | ୧୦୫୯.୪୪ କୋଟି |
| ଅର୍ଥ ବିଭାଗ | ୬୩୫୧୧.୯୧ କୋଟି |
| ବାଣିଜ୍ୟ ବିଭାଗ | ୩୦୮.୮୧ କୋଟି |
| ନିର୍ମାଣ ବିଭାଗ | ୧୨୦୦୦.୦୦ କୋଟି |
| ଓଡ଼ିଶା ବିଧାନସଭା | ୧୪୪.୬୨ କୋଟି |
| ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୧୫୩୭.୭୭ କୋଟି |
| ସ୍କୁଲ ଓ ଗଣଶିକ୍ଷା ବିଭାଗ | ୩୧୧୮୫.୪୭ କୋଟି |
| ଏସ୍‌ସି/ଏସ୍‌ଟି ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | ୬୪୩୬.୧୦ କୋଟି |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୨୭୪୧.୨୧ କୋଟି |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ୯୯୭୩.୫୭ କୋଟି |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୩୭୩.୨୨ କୋଟି |
| କ୍ରୀଡ଼ା ଓ ଯୁବସେବା ବିଭାଗ | ୧୩୧୯ କୋଟି |
| ଯୋଜନା ଓ ସଂଯୋଜନା ବିଭାଗ | ୨୮୦୮.୨୨ କୋଟି |
| ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ | ୨୮୪୫୧.୩୧ କୋଟି |
| ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ ବିଭାଗ | ୨.୯୬ କୋଟି |
| ଶିଳ୍ପ ବିଭାଗ | ୮୦୮.୧୫ କୋଟି |
| ଜଳସମ୍ପଦ ବିଭାଗ | ୧୪୮୯୪.୨୧ କୋଟି |
| ପରିବହନ ବିଭାଗ | ୩୭୯୪.୮୮ କୋଟି |
| ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୧୪୯୧.୪୯ କୋଟି |
| କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୧୪୭୦୦.୭୧ କୋଟି |
| ଇସ୍ପାତ ଓ ଖଣି ବିଭାଗ | ୪୦୪.୩୯ କୋଟି |
| ସୂଚନା ଓ ଲୋକସମ୍ପର୍କ ବିଭାଗ | ୧୬୦.୭୦ କୋଟି |
| ଅବକାରୀ ବିଭାଗ | ୨୪୪.୯୯ କୋଟି |
| ବିଜ୍ଞାନ ଓ ବୈଷୟିକ ବିଭାଗ | ୩୫୩.୨୨ କୋଟି |
| ଗ୍ରାମ ଉନ୍ନୟନ ବିଭାଗ | ୧୦୦୨୦.୧୨ କୋଟି |
| ସଂସଦୀୟ ବ୍ୟାପାର ବିଭାଗ | ୭୪.୭୧ କୋଟି |
| ଶକ୍ତି ବିଭାଗ | ୩୯୬୨.୩୩ କୋଟି |
| ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | ୨୬୬.୫୮ କୋଟି |
| ପର୍ଯ୍ୟଟନ ବିଭାଗ | ୮୨୦.୦୮ କୋଟି |
| ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ | ୧୯୦୯.୧୨ କୋଟି |
| ସମବାୟ ବିଭାଗ | ୨୨୭୬.୯୬ କୋଟି |
| ସରକାରୀ ଉଦ୍ୟୋଗ ବିଭାଗ | ୧୧.୦୪ କୋଟି |
| ମହିଳା ଓ ଶିଶୁ ବିକାଶ ବିଭାଗ | ୧୫୨୨୨.୮୫ କୋଟି |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୬୮୮.୮୩ କୋଟି |
| ଉଚ୍ଚଶିକ୍ଷା ବିଭାଗ | ୧୬୫୫.୮୩ କୋଟି |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୧୭୮୪.୫୪ କୋଟି |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୭୫୮.୮୬ କୋଟି |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | ୯୧୨୦.୬୬ କୋଟି |
| ବିପର୍ଯ୍ୟୟ ପରିଚାଳନା ବିଭାଗ | ୪୦୪୯.୮୫ କୋଟି |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୪୮୧.୮୩ କୋଟି |
| ମିଶନ ଶକ୍ତି | ୨୬୭୪.୭୩ କୋଟି |

### ୧୬ ନୂଆ ଯୋଜନା

୧. ଅନ୍ତ୍ୟୋଦୟ ଗୃହ -୨୬୦୩ କୋଟି
୨. ସୁଭଦ୍ରା ସୁରକ୍ଷା -୧୫୩ କୋଟି
୩. ଶ୍ରୀଜଗନ୍ନାଥ ଦର୍ଶନ - ୩୦ କୋଟି ଟଙ୍କା
୪. ଉତ୍ତର ଓଡ଼ିଶା ବିକାଶ ପରିଷଦ - ୨୦୦ କୋଟି
୫. ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ - ୨୦୦ କୋଟି
୬. ଓଡ଼ିଶା ପୁଷ୍ଟି ମିଶନ -୧୦୦ କୋଟି
୭. ବକୁଳ ବନ ଉନ୍ନୟନ - ୫୦ କୋଟି
୮. ଆମ ଶିମିଳିପାଳ - ୫୦ କୋଟି
୯. ଆଦର୍ଶ ମଣ୍ଡି - ୫୦ କୋଟି
୧୦. ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ -୧୦୦ କୋଟି
୧୧. ପ୍ରବାସୀ ଓଡ଼ିଆ ଓ ସଂପର୍କ - ୧୧୦ କୋଟି
୧୨. ମୁଖ୍ୟମନ୍ତ୍ରୀ କନ୍ୟା ବିବାହ - ୧୨ କୋଟି
୧୩. ସ୍ୱଚ୍ଛ ଓଡ଼ିଶା - ୨୬୧ କୋଟି
୧୪. ଆମେ ପଢ଼ିବା ଆମ ଭାଷାରେ-୨୫ କୋଟି
୧୫. ଅଟଳ ବସ୍‌ଷ୍ଟାଣ୍ଡ - ୧୨୬୬ କୋଟି
୧୬. ସମୃଦ୍ଧ ସହର - ୪୦୮ କୋଟି

## ୩୭,୮୩୮ କୋଟିର କୃଷି ବଜେଟ୍

ଭୁବନେଶ୍ୱର,୧୭।୨(କେଏନଏସ): : ବଜେଟର ପ୍ରଥମ ଭାଗରେ ସେ କୃଷି ବଜେଟ୍ ସଂପର୍କରେ ଘୋଷଣା କରିଥିଲେ। କୃଷି କ୍ଷେତ୍ର ପାଇଁ ୨୦୨୫-୨୬ ବଜେଟରେ ମୋଟ ୩୭,୮୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଚଳିତ ଆର୍ଥିକ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ ଜନସଂଖ୍ୟାର ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ରହନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ ।ବଜେଟର ପ୍ରଥମ ଭାଗରେ ମୁଖ୍ୟମନ୍ତ୍ରୀ କୃଷି ବଜେଟ୍ ସଂପର୍କରେ ଘୋଷଣା କରିଥିଲେ।

କୃଷି କ୍ଷେତ୍ର ପାଇଁ ୨୦୨୫-୨୬ ବଜେଟରେ ମୋଟ ୩୭,୮୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଚଳିତ ଆର୍ଥିକ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ ଜନସଂଖ୍ୟାର ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ରହନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ । କୃଷି ଓ କୃଷକଙ୍କ ସଶକ୍ତୀକରଣ ପାଇଁ ମୋଟ ୧୪୭୦୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସମୃଦ୍ଧ କୃଷକ ଯୋଜନାରେ ଋଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ତୁଳନାରେ ଅଧିକ ଅର୍ଥ ଇନପୁଟ ସହାୟତା ଆକାରରେ ପ୍ରଦାନ କରାଯାଉଛି ଫଳରେ ଧାନର ସର୍ବ ନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛି ୩୧୦୦ ଟଙ୍କାକୁ ବୃଦ୍ଧି ପାଇଛି । ଚଳିତ ଖରିପ ଋତୁରେ ଫେବ୍ରୁଆରି ୧୫ ସୁଦ୍ଧା ମୋଟ ୪୫୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିସାରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୋଟ ୬ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବ । ସିଏମ କିଶାନ ଲାଗି ୨୦୨୫-୨୫ ଆର୍ଥିକ ବର୍ଷରେ ମୋଟ ୨୦୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୧.୮୦ ଲକ୍ଷଙ୍କ କୃଷକଙ୍କୁ ଆଳୁ ମିସନରେ ସାମିଲ କରାଯାଇଛି। ଏହି ମିସନରେ ଚଳିତ ରବି ଋତୁରେ ମୋଟ ୧ ଲକ୍ଷ ୬୦ ହଜାର କ୍ୱିଣ୍ଟାଲ ବିହନ ଯୋଗାଇଦିଆଯାଇଛି । ଫସଲବିବିଧତା ପାଇଁ ୬୯୫ କୋଟିଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ୨୫୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳଭଣ୍ଡାର ଉପସ୍ଥାପନ ହୋଇପାରିବ।

## ସୁଭଦ୍ରା ପାଇଁ ୧୦,୧୪୫ କୋଟି

ଭୁବନେଶ୍ୱର,୧୭।୨(କେଏନଏସ): ୨୦୨୫-୨୬ ଆର୍ଥିକ ବର୍ଷରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର ୧୪୫ କୋଟି ଟଙ୍କା ଓ ସୁଭଦ୍ରା ସୁରକ୍ଷା ଅଧୀନରେ ୧ ଶହ ୫୩ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି । ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ମହିଳା ସଶକ୍ତିକରଣ ପାଇଁ ଐତିହାସିକ ଓ ପଥପ୍ରଦର୍ଶକ ସୁଭଦ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ଏହା ଓଡିଶା ଇତିହାସର ସବୁଠାରୁ ବଡ ଯୋଜନା ଏବଂ ଓଡିଶା ବିକାଶ କାହାଣୀକୁ ପୁନଃଲିଖିତ କରିବା ପାଇଁ ଆମର ପ୍ରତିବଦ୍ଧତା ପ୍ରମାଣ , ଯେଉଁଥିରେ ମହିଳାମାନେ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଆମ ସମସ୍ତ ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ଦେବୁ। ପ୍ରଥମଥର ପାଇଁ ୧ କୋଟି ୭ଲକ୍ଷରୁ ଅଧିକ ମହିଳା ନିଜ ନାମରେ ଏକ ଯୋଜନା ପାଇଁ ଆବେଦନ କରିବାକୁ ଘରୁ ବାହାରିଛନ୍ତି। ବର୍ତ୍ତମାନ ସୁଦ୍ଧା ସୁଭଦ୍ରାର ପ୍ରଥମ କିସ୍ତି ୯୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ୪ ହଜାର ୯ଶହ କୋଟିରୁ ୪ ହଜାର ୯ଶହ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି। ଏହା ଡିଜିଟିଲା ଏବଂ ଆର୍ଥିକ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆଣିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର ୧୪୫ କୋଟି ଟଙ୍କା ଓ ସୁଭଦ୍ରା ସୁରକ୍ଷା ଅଧୀନରେ ୧ ଶହ ୫୩ କୋଟିର ପ୍ରସ୍ତାବ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିକ୍ଷାକ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର,୧୭।୨(କେଏନଏସ):** ଶିକ୍ଷା ହେଉଛି ସମାଜର ଦର୍ପଣ। ଶିକ୍ଷା ମାଧ୍ୟମରେ ହିଁ ସମାଜରେ ପରିବର୍ତ୍ତନ ଆଣି ହେବ। ଶିକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୫-୨୬ରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କ୍ଷେତ୍ରରେ ସରକାର ଆଗାମୀ ଆର୍ଥିକ ବର୍ଷରେ ୪୧,୨୭୩ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ବଜେଟ୍ ଗତ ବଜେଟ୍ ତୁଳନାରେ ୧୮ପ୍ରତିଶତ ଅଧିକ। ରାଜ୍ୟ ସରକାର ଆଗାମୀ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ କରିବାକୁ ଯାଉଛନ୍ତି। ସରକାରଙ୍କ ଲକ୍ଷ୍ୟ ରହିଛି ଯେ, ରାଜ୍ୟରେ ୪୫,୦୦୦ ଶିଶୁବାଟିକା ଖୋଲାଯିବ। ଏହା ପ୍ରାଥମିକ ବିଦ୍ୟାଳୟ ସହିତ ରହିବ। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପିଲାମାନେ କିପରି ମହାପୁରୁଷ ଏବଂ ଓଡ଼ିଆ ସଂସ୍କୃତିକୁ ମନେ ରଖିବେ। ସେଥିପାଇଁ ରାଜ୍ୟ ସରକାର ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି।ଏଥି ପାଇଁ ଏହି ସବୁ ଯୋଜନାକୁ ଗୁରୁତ୍ୱ ଦେଇଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୯୬୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ବିଦ୍ୟାଳୟ ପଞ୍ଚାୟତସ୍ତରରେ ଖୋଲିବ।

ଐତିହ୍ୟ ବିଦ୍ୟାଳୟ ମାଧ୍ୟମରେ ୧୦୦ ବର୍ଷରୁ ଅଧିକ ଦିନ ଧରି ପରିଚାଳିତ ହେଉଥିବା ବିଦ୍ୟାଳୟକୁ ସାମିଲ କରାଯାଇଛି। ଏଥି ପାଇଁ ୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟକୁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବ। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୬୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।

ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଅଧୀନରେ ବିଦ୍ୟାଳୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ସରକାର ଏଥି ପାଇଁ ୧୪୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ସରକାର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଯୋଜନାରେ ସାମିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ହାଇସ୍କୁଲର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି ଯୋଜନା ପାଇଁ ସରକାର ୧୯୩ କୋଟି ଟଙ୍କାରେ ନବମ ଶ୍ରେଣୀ ପିଲାଙ୍କୁ ସାଇକେଲ ଦେବେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ୟୁନିଫର୍ମ ଦେବେ। ଏଥି ପାଇଁ ୧୯୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସରକାର ୧୩୯ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି।ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ଉଚ୍ଚଶିକ୍ଷା ପାଇଁ ମଧ୍ୟ ବଜେଟ୍‌ରେ ସ୍ଥାନ ଦେଇଛନ୍ତି ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ, ବେସରକାରୀ ଅନୁଦାନପ୍ରାପ୍ତ କଲେଜର ଭିତ୍ତିଭୂମି ପାଇଁ ୩୭୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ମାଧ୍ୟମରେ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଛି।

## ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

ସୁନ୍ଦରଗଡ଼,୧୭।୨(ମହାଭାରତ):ଭିଜିଲାନ୍ସ ହାତରେ ଲେଫ୍ରିପଡ଼ା ତହସିଲ କନିଷ୍ଠ କିରାଣି ଗୋଲେଖ ବିହାରୀ ନାଏକ। ଜମି ଡିମାରକେସନ ପାଇଁ ମଶାବିରାର ଅନନ୍ତ ପ୍ରଧାନଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଛନ୍ତି ସେ। ଜମି ଡିମାରକେସନ ପାଇଁ ଶ୍ରୀ ପ୍ରଧାନ ୬.୨.୨୫ରେ ଆବେଦନ କରିଥିଲେ। କିନ୍ତୁ କିରାଣି ଏ ସଂକ୍ରାନ୍ତୀୟ ଫାଇଲ ପ୍ରସ୍ତୁତି ପାଇଁ ଲାଞ୍ଚ ମାଗିଥିଲେ। ନହେଲେ ଡିମାରକେସନ ହେବ ନାହିଁ କହିବା ପରେ ଶ୍ରୀ ପ୍ରଧାନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

ଭିଜିଲାନ୍ସ ହାତରେ ଲେଫ୍ରିପଡ଼ା ତହସିଲ କନିଷ୍ଠ କିରାଣି ଗୋଲେଖ ବିହାରୀ ନାଏକ। ଜମି ଡିମାରକେସନ ପାଇଁ ମଶାବିରାର ଅନନ୍ତ ପ୍ରଧାନଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଛନ୍ତି ସେ। ଜମି ଡିମାରକେସନ ପାଇଁ ଶ୍ରୀ ପ୍ରଧାନ ୬.୨.୨୫ରେ ଆବେଦନ କରିଥିଲେ। କିନ୍ତୁ କିରାଣି ଏ ସଂକ୍ରାନ୍ତୀୟ ଫାଇଲ ପ୍ରସ୍ତୁତି ପାଇଁ ଲାଞ୍ଚ ମାଗିଥିଲେ। ନହେଲେ ଡିମାରକେସନ ହେବ ନାହିଁ କହିବା ପରେ ଶ୍ରୀ ପ୍ରଧାନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ।ସୁନ୍ଦରଗଡ଼ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଜାଲ ବିଛାଇ ଆଜି ସକାଳେ ଲେଫ୍ରିପଡ଼ା ତହସିଲ ଅଫିସରେ କିରାଣି ଗୋଲେଖ ବିହାରୀ ନାଏକଙ୍କୁ କାବୁ କରିଥିବା ସୂଚନା ରହିଛି।ୟ କିରାଣି ଶ୍ରୀ ନାଏକ ୨୦୨୧ରେ ଚାକିରି ପାଇଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଜାଲ ବିଛାଇ ଆଜି ସକାଳେ ଲେଫ୍ରିପଡ଼ା ତହସିଲ ଅଫିସରେ କିରାଣି ଗୋଲେଖ ବିହାରୀ ନାଏକଙ୍କୁ କାବୁ କରିଥିବା ସୂଚନା ରହିଛିୟ କିରାଣି ଶ୍ରୀ ନାଏକ ୨୦୨୧ରେ ଚାକିରି ପାଇଥିଲେ।

## ବିଧାୟକ ସହାୟତା ପାଣ୍ଠି ୫ କୋଟିକୁ ବୃଦ୍ଧି

ଭୁବନେଶ୍ୱର,୧୭।୨(ମହାଭାରତ): ଚଳିତ ବଜେଟରେ ବିଧାୟକ ସହାୟତା ପାଣ୍ଠି ୩ କୋଟିରୁ ୫ କୋଟିକୁ ବୃଦ୍ଧି କରାଯାଇଛି । ଏଥିପାଇଁ ବଜେଟ୍‌ରେ ୭୩୫ କୋଟିର ବ୍ୟବସ୍ଥା କରାଯାଇଛି । ନିର୍ବାଚନ ମଣ୍ଡଳୀ ଭିତ୍ତିକ ଆବଂଟନ ପାଇଁ ଆଉ ୧୪୨ କୋଟିର ବ୍ୟୟବରାଦ କରାଯାଇଛି ।

## ବିଧାନସଭାରେ ୱାଲଟିଅର ଝଡ଼

ଭୁବନେଶ୍ୱର,୧୭।୨(ମହାଭାରତ):: ଆଜି ବିଧାନସଭାରେ ୱାଲଟିୟମ ପ୍ରସଙ୍ଗରେ ବିରୋଧୀ ଦଳ ଶାସକ ଦଳକୁ ଟାର୍ଗେଟ୍ କରିଛନ୍ତି। ଡବଲ ଇଞ୍ଜିନ ସରକାର ଓଡିଶାର ରେଳ ଇଞ୍ଜିନକୁ ବନ୍ଦ କରିବାକୁ ଯୋଜନା କରଛନ୍ତି । ୱାଲଟିୟର ଡିଭିଜନକୁ ପୂର୍ବ ତଟ ରେଳବାଇରୁ ଅଲଗା କରାଯିବା ଦ୍ୱାରା ଓଡ଼ିଶାକୁ ଖୁବ କ୍ଷତି ହେବ । ରେଳବାଇ ରାଜ୍ୟ କୈନ୍ଦ୍ରିକ ହେବା ଉଚିତ ନୁହେଁ । ଯଦି ଏହାକୁ ରାଜ୍ୟ କୈନ୍ଦ୍ରିକ କରାଯାଉଛି ତେବେ ଓଡିଶା ପାଇଁ ମଧ୍ୟ ଏପରି କରାଯାଉ । ଅନ୍ୟ ଜୋନରେ ଥିବା ଓଡିଶାର ଅଂଚଳ ଗୁଡିକୁ ପୂର୍ବତଟ ରେଳବାଇରେ ସାମିଲ କରାଯାଉ । ଆଜି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ।



ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଚ ଳିତ ମାସ ୭ ତାରିଖ ରେଳ ଓଡିଶାରେ ରେଳ କ୍ଷେତ୍ର ପାଇଁ ଦୁର୍ଭାଗ୍ୟ ଓ କଳା ଦିନ ଥିଲା । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଯାହା ନିଷ୍ପତି ନେଇଥିଲେ, ତାହା ଓଡ଼ିଶାର ସ୍ୱାର୍ଥକୁ ଆଘାତ ଦେଇଛି। ପୂର୍ବତଟ ରେଳ ପଥକୁ ଓଡ଼ିଶାର ଗର୍ବ ବୋଲି କୁହାଯାଏ । ପୂର୍ବତଟ ରେଳବାଇ ସବୁଠାରୁ ଲାଭ ଦେଉଥିବା ଜୋନ । କେନ୍ଦ୍ରକୁ ପ୍ରତି ବର୍ଷ ୨୫ ହଜାରରୁ ୩୦ ହାଜର କୋଟିର ଅବଦାନ ଦେଉଛି ପୂର୍ବତଟ ରେଳବାଇ । କିନ୍ତୁ ଦୁର୍ଭାଗ୍ୟ ଯେ ୭ ତାରିଖ ଦିନ କେନ୍ଦ୍ର ସରକାର ପୂର୍ବତଟ ରେଳବାଇ ଜୋନକୁ ବିକଳାଙ୍ଗ କରିଦେଲେ । ଯାହାକି ଓଡ଼ିଶା ସ୍ୱାର୍ଥକୁ ଆଘାତ ଦେଇଛି । ୱାଲ୍ଟିୟର ଡିଭିଜନକୁ ପୂର୍ବତଟ ରେଳବାଇର ଅଲଗା କରି ଦକ୍ଷିଣ ତଟ ଜୋନରେ ମିଶାଇଛନ୍ତି । ଏଥିରେ ଆମର ଆପତ୍ତି ନାହିଁ । କିନ୍ତୁ ଆନ୍ଧ୍ରର ସ୍ୱାର୍ଥ ପାଇଁ କେନ୍ଦ୍ର ଯେଉଁଭଳି ଷ୍ଟେଟ ସେଂଟ୍ରିକ ନିଷ୍ପତି ନେଲେ ସେହିଭଳି ଓଡ଼ିଶା ପାଇଁ ମଧ୍ୟ ନିଷ୍ପତି ନେବା କଥା । ଏହି ନିଷ୍ପତି କେନ୍ଦ୍ର ସରକାର ରାଜନୈତିକ ବାଧ ବାଧକତା ଦୃଷ୍ଟିରୁ ନେଇଛନ୍ତି । କେନ୍ଦ୍ର ସରକାରଙ୍କ ଆଶା ବାଡି ହେଉଛି ଆନ୍ଧ୍ର । ତେଣୁ ଆଶା ବାଡି ଚାଲିଗଲେ କେନ୍ଦ୍ର ସରକାର ଚାଲିବ ନାହିଁ । ବାହାର ରାଜ୍ୟ ଜୋନରେ ରାଜ୍ୟର ଯେତିକି ରେଳ ଲାଇନ ରହିଛି, ସେଗୁଡିକୁ ପୂର୍ବତଟ ରେଳବାଇରେ ମିଶାଯାଉ । ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜର ରେଳ ଲାଇନ୍ ଚକ୍ରଧରପୁର ଜୋନରେ ଅଛି । ଏସବୁ ରେଳ ଲାଇନ ପୂର୍ବତଟ ରେଳବାଇ ଜୋନରେ ମିଶାଯାଉ ବୋଲି ସେ ଦାବି କରିଛନ୍ତି ।

ସେ କହିଛନ୍ତି ଯେ ଯଦି ଆନ୍ଧ୍ରକୁ ନେଇ ରାଜ୍ୟ କେନ୍ଦ୍ରିକ ଜୋନ କରାଗଲା । ତାହେଲେ ଓଡ଼ିଶା ପାଇଁ କାହିଁକି ରାଜ୍ୟ କେନ୍ଦ୍ରିକ ଜୋନ ହେବ ନାହିଁ । ଓଡ଼ିଶା ପାଇଁ କେନ୍ଦ୍ର ସରକାରଙ୍କ ଗୋଟିଏ ନିୟମ କିନ୍ତୁ ଆନ୍ଧ୍ର ଓ ବିହାର ପାଇଁ ଆଉ ଗୋଟିଏ ନିୟମ । ଏହା ଓଡ଼ିଶାର ସ୍ୱାର୍ଥ ପାଇଁ ଘୋର ଅପମାନ । ଓଡ଼ିଶା ପାଇଁ ସେଗୁଡ଼ିକୁ ଷ୍ଟେଟ ସେଂଟ୍ରିକ ଜୋନ କରି ପୂର୍ବତଟ ରେଳବାଇର ସାମିଲ କରାଯାଉ ବୋଲି ଶୂନ୍ୟ କାଳରେ ସେ ଦାବି କରିଛନ୍ତି । ବିହାର, ଆନ୍ଧ୍ର ପାଇଁ ଗୋଟିଏ କଥା, ଓଡ଼ିଶା ପାଇଁ ଆଉ ଗୋଟିଏ । ଦୁଃଖର କଥା ଓଡ଼ିଶାର ରେଳମନ୍ତ୍ରୀ ଓଡ଼ିଶାର । ଏଥିରେ ରାଜନୀତି ନହେବା ଦରକାର, ଏଥିପାଇଁ ସବୁ ଦଳ ଏକାଠି ହେବା ଆବଶ୍ୟକ । ଓଡ଼ିଶାର ଯେଉଁ ଜୋନ ଓଡିଶା ବାହାରେ ଅଛି, ତାହାକୁ ଓଡ଼ିଶାରେ ମିଶାଯାଉ । ଆମେ ତାଙ୍କୁ ସ୍ୱାଗତ କରିବୁ । ୱାଲଟିଅର ଡିଭିଜନକୁ ବିଶାଖାପାଟଣାରେ ମିଶାଇଦେବା ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି ପ୍ରସନ୍ନ ଆର୍ଚାଯ୍ୟ ।

ସେ କହିଥିଲେ ଯେ, ପୂର୍ବ ତଟ ରେଲୱେ ୨୫ ରୁ ୩୦ ହଜାର କୋଟି ଟଙ୍କାର ଅବଦାନ ଦିଏ । କିନ୍ତୁ କେନ୍ଦ୍ର ୱାଲଟିଅର ଡିଭିଜନକୁ ବିଲୀନ କରିଦେଲା । ପୂର୍ବତଟ ରେଲୱେରୁ ଏହାକୁ ନେଇ ଆନ୍ଧ୍ରପ୍ରଦେଶରେ ମିଶାଇ ଦିଆଗଲା । ଏହାଫଳରେ ୧୦ ହଜାର କୋଟି ହରାଇଲା ଓଡିଶା ।

## ଯୋଗାଣ ମନ୍ତ୍ରୀ-ତାରା ବାକ୍ ଯୁଦ୍ଧ

**ଭୁବନେଶ୍ୱର,୧୭।୨**(ମହାଭାରତ): ରାଜ୍ୟରେ କଟନୀଛଟନକୁ ନେଇ ଯୋଗାଣ ମନ୍ତ୍ରୀ-କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀ ପତି ମୁହାଁମୁହିଁ ହୋଇଛନ୍ତି ।

ଏ ନେଇ ଆଜି ଗୃହରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟରେ କଟନୀଛଟନୀ ଆଉ ନାହିଁ। ଋଷୀ ଏବେ ବିଭିନ୍ନ ଦିଗରୁ ଉପକୃତ ହେଉଛନ୍ତି। ସରକାର ଦେଉଥିବା ଏମଏସପି ୩୧୦୦ଟଙ୍କା ମିଳିବା ଫଳରେ ଋଷୀ ବହୁତ ଖୁସି । ସଇ ଟଙ୍କାରେ ସୁନା,ବାଇକ ଆଦି କିଣୁଛନ୍ତି ଋଷୀ। ଏବର୍ଷ ଅଭିଯୋଗ ଆସିଥିବା ୨୬ଟି ମିଲକୁ ଆମେ ସିଲ କଲୁ, କାରଣ ଦର୍ଶାଅ ନୋଟିସ ମାରିଲୁ। ସରକାରଙ୍କ କଥା ନ ମାନିଲେ ବେପାର କରି ପାରିବେନି ମିଲର। ସିଷ୍ଟମ ଟାଇଟ ହେଲା ପରେ ମିଲର ଆଉ ଦଲାଲମାନଙ୍କ ସହ ସାମିଲ ଥିବା ଅଫିସରଙ୍କଠୁ ଆରମ୍ଭ କରି କିଛି ବିଧାୟକଙ୍କ ପାଇଁ ତାହା ଅଡୁଆ। ହେଲା। ମୋ ନାଁ ରେ ବିଧାୟକ ଅଭିଯୋଗ ଆଣିଲେ। ବିଧାନସଭାରେ ବିଧାୟକଙ୍କର ବୋଧେ ମିଲରଙ୍କ ଠୁ କମିଶନ ନେବା ବନ୍ଦ ହେଇଯାଇଛି। ସେଥିପାଇଁ ରାଗିକି ବିଧାନସଭାରେ ମୋ ନାଁ ରେ କଲେକସନର ଅଭିଯୋଗ ଆଣିଲେ। ମୁଁ ପ୍ରତିଶ୍ରୁତି ଦେଉଛି ଦୁର୍ନୀତି ଆଉ କରେଇ ଦେବିନି। ଏଣେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ବୟାନ ପରେ କହିଛନ୍ତି , ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ଠିକ ନାହିଁ।ଏଣେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ବୟାନ ପରେ କହିଛନ୍ତି , ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ଠିକ ନାହିଁ ।ମୋ ନାଆଁ ରେ ପ୍ରମାଣ ଦେଲେ ମୁଁ ରାଜନୀତି ଛାଡ଼ିଦେବି ।ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକ ଆଉ ମିଲର ଜାଣିଛନ୍ତି ମୁଁ ପଇସା ଖାଏ କି ନ ଖାଏ ସେ ମୋଦି ହାରେ ଜିତିଯାଇଛନ୍ତି। ମୁଁ କିନ୍ତୁ ବର୍ଷ ବର୍ଷ ଧରି ଜିତିଆସୁଅଛି। ମୁଁ ଖୁବଶୀଘ୍ର ତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରମାଣ ଦେବି ।

## ଜ୍ଞାନେଶ କୁମାର ପରବର୍ତ୍ତୀ ସିଇସି

**ନୂଆଦିଲ୍ଲୀ,୧୭।୨**(ମହାଭାରତ): ବରିଷ୍ଠ ପ୍ରଶାସନିକ ଅଧିକାରୀ ଜ୍ଞାନେଶ କୁମାର ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ସିଇସି ଥିବା ରାଜୀବ କୁମାରଙ୍କ ସ୍ଥାନ ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଚୟନ ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାରଙ୍କ ନାଁ ଉପରେ ମୋହର ବାଜିଛି। ନିଯୁକ୍ତିକୁ ନେଇ ଅଇନେ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୮ ବ୍ୟାଚର କେରଳ କ୍ୟାଡର ଆଇଏଏସ ହେଉଛନ୍ତି ଜ୍ଞାନେଶ କୁମାର।ଏହା ପୂର୍ବରୁ କଂଗ୍ରେସ ଅଭିଯୋଗ କରିଥିଲା, କେନ୍ଦ୍ର ସରକାର ନିର୍ବାଚନ ଆୟୋଗ ଉପରେ ନିୟନ୍ତ୍ରଣ ରଖୁଛି। ସିଇସି ଚୟନ କମିଟିରେ ଭାରତର ପ୍ରଧାନ ବିଚାରପତିଙ୍କୁ ହଟାଇ କେନ୍ଦ୍ର ସରକାର ସ୍ପଷ୍ଟ କରି ଦେଇଛି ଯେ, ନିର୍ବାଚନ ଆୟୋଗରେ ନିରପେକ୍ଷତା ରହୁଁ ନାହାନ୍ତି ବରଂ ତା ଉପରେ ନିୟନ୍ତ୍ରଣ ରହୁଁଛନ୍ତି।

## ଆପାର୍ଟମେଣ୍ଟ ଲୁଟେରାକୁ ଏନକାଉଣ୍ଟର

**ଭୁବନେଶ୍ୱର, ୧୭।୨ :** ସକାଳୁ ସକାଳୁ ରାଜଧାନୀରେ ଆପାର୍ଟମେଣ୍ଟ ଲୁଟେରାକୁ ଏନକାଉଣ୍ଟର କରାଯାଇଥିବା ଜଣାଯାଇଛି। ପ୍ରଥମ ଥର ପାଇଁ ରାଜ୍ୟ ବାହାର ସିରିଜ୍ ଆପାର୍ଟମେଣ୍ଟ ଲୁଟେରା ଅର୍ଜୁନ ଆନାରେକୁ ଏନକାଉଣ୍ଟର କରାଯାଇଛି। ତାକୁ ଏନକାଉଣ୍ଟର କରିଛି କମିଶନରେଟ ପୁଲିସ।ପାହାଳ ଥାନା ଅଞ୍ଚଳରେ ଏକ୍ ଆପାର୍ଟମେଣ୍ଟ ନିକଟରେ ଏନକାଉଣ୍ଟର ହୋଇଛି। ବାଲିଅନ୍ତା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ଅର୍ଜୁନ ଆନାରେ ତାର ଗ୍ରୁପ ଆପାର୍ଟମେଣ୍ଟରୁ ଲୁଟ କରିବା ପାଇଁ ଯୋଜନା କରୁଥିବା ବେଳେ ଦେଖି ଦେଇଥିଲା। ପୁଲିସକୁ ଦେଖି ଅର୍ଜୁନ ସହ ତାର ଗ୍ରୁପ ଫେରାର୍ ହେବ ପାଇଁ ବସିଥିବା ବେଳେ ପୁଲିସ ସେମାନଙ୍କୁ ଗୋଡ଼ାଇଥିଲେ। ସେହି ସମୟରେ ବାଲିଅନ୍ତା କେନାଲ ବନ୍ଧ ଉପରେ ଅର୍ଜୁନ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସ ପାଲଟା ଜବାବ ଦେବା ସହ ଗୁଳି ଚଳାଇବା ବେଳେ ତାହା ଅର୍ଜୁନର ଗୋଡ଼ରେ ବାଜିଥିଲା।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



### ଖବର

## ୩ଦିନରେ ୧୦୦କୋଟି ପାର୍ କଲା ଭିକିଙ୍କ ଫିଲ୍ମ ଛାବା



ଶୁକ୍ରବାର ରିଲିଜ୍ ହୋଇଥିଲା ବଲିଉଡ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା'। ଫିଲ୍ମ ରିଲିଜର ପ୍ରଥମ ଦିନ ଆଶା କରାଯାଉଥିଲା ଯେ, ଏହା ଅନେକ ଫିଲ୍ମର ରେକର୍ଡ ଭାଙ୍ଗିବ। ଏବେ ଫିଲ୍ମ ରିଲିଜର ୩ ଦିନ ମଧ୍ୟରେ ଏହା ସତ ହୋଇଛି। ଫିଲ୍ମ 'ଛାବା' ଦେଖିବା ପାଇଁ ସପ୍ତାହାନ୍ତରେ ପ୍ରେକ୍ଷାଳୟରେ ବହୁତ ଭିଡ଼ ଜମିଥିଲା। ଫିଲ୍ମଟି ରିଲିଜ୍ ହେବା ପରେ ଯେତିକି ଆଶା ଥିଲା ତା'ଠାରୁ ଅଧିକ ଦର୍ଶକ ଫିଲ୍ମକୁ ପସନ୍ଦ କରୁଛନ୍ତି। ଅଧିକାଂଶ ସମୀକ୍ଷକ ଫିଲ୍ମଟିକୁ ବହୁତ ଭଲ ବୋଲି ବର୍ଣ୍ଣନା କରିଛନ୍ତି।ସବୁଠୁ ବଡ଼ କଥା ହେଉଛି ଏହି ବର୍ଷ ମୁକ୍ତିଲାଭ କରିଥିବା ସମସ୍ତ ବଲିଉଡ୍ ସିନେମା ଫ୍ଲପ୍ ହୋଇଛି। ଏପରି ସ୍ଥିତିରେ, ଛାବାର ପ୍ରଥମ ଦିନର ଆୟ ଦେଖିଲେ ଲାଗୁଛି ଯେ ଏହା ଚଳିତ ବର୍ଷର ବଲିଉଡର ପ୍ରଥମ ବ୍ଲକବଷ୍ଟର ସିନେମା ହୋଇପାରେ। ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପ୍ରଥମ ଦିନରେ ୩୩କୋଟିରୁ ଅଧିକ ଆୟ କରିଥିବା ବେଳେ ଶନିବାରୁ ୩୯କୋଟିରୁ ଅଧିକ ଟଙ୍କା ଆୟ କରିଥିଲା। ରବିବାର ଛୁଟି ଦିନ ଥିବାରୁ ଫିଲ୍ମଟି ୫୦କୋଟି ଆୟ କରିଥିଲା। ଏବେ ଫିଲ୍ମର ମୋଟ ଆୟ ୧୦୦କୋଟି ଟପିଥିବା ବେଳେ ଆଗକୁ ଏହା ଆହୁରି ଅଧିକ ଆୟ କରିବ ବୋଲି ଚର୍ଚ୍ଚା ହେଉଛି।

## ପ୍ରାତଃ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣର ସୁଫଳ

ଆସ୍ଥାବାନ ହିନ୍ଦୁ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରତିଦିନ ସକାଳୁ ଅର୍ଘ୍ୟ ଦେଇଥାନ୍ତି । ଅର୍ଘ୍ୟ ଦେବା ଦ୍ୱାରା ଅନେକ ଲାଭ ହୋଇଥାଏ । ବେଦ, ପୁରାଣ ଏବଂ ଶାସ୍ତ୍ରରେ ଯୋଗ ସାଧନା ଓ ସୂର୍ଯ୍ୟ ନମସ୍କାର ବିଷୟରେ ବର୍ଣ୍ଣନା ରହିଛି । ସର୍ବଶକ୍ତିମାନ ହୋଇଥିବା କାରଣରୁ ପୂଜାର୍ଚ୍ଚନା, ଆରାଧନା ଏବଂ ଉପାସନା ଦ୍ୱାରା ଭଗବାନ ସୂର୍ଯ୍ୟଦେବ ପ୍ରସନ୍ନ ହୋଇଥାନ୍ତି । ସୂର୍ଯ୍ୟଙ୍କ କୁପ୍ରଭାବରୁ ବ୍ୟକ୍ତି ରୋଗଗ୍ରସ୍ତ ହେବା ସହିତ ମାନସମ୍ମାନ ହରାଇଥାଏ । ଏଣୁ ସ୍ୱାସ୍ଥ୍ୟ, ସମ୍ମାନ, ପ୍ରତିଷ୍ଠା ଏବଂ ସୁଖ ପ୍ରାପ୍ତି ନିମନ୍ତେ ସୂର୍ଯ୍ୟ ଉପାସନା କରିବା ଜରୁରୀ । ସୂର୍ଯ୍ୟଙ୍କ କୃପାପ୍ରାପ୍ତି କରିବା ଲାଗି ଆଦିତ୍ୟ ହୃଦୟ ସ୍ତୋତ୍ର, ସୂର୍ଯ୍ୟ ଚାଳୀଶା ପାଠ କରିବା ଉଚିତ୍ । ଏଥିସହିତ ଦକ୍ଷିଣାବୃତ୍ତି କିମ୍ବା ଗୋମୁଖୀ ଶଙ୍ଖ ଦ୍ୱାରା ଅର୍ଘ୍ୟ ଅର୍ପଣ କରିବା ଆବଶ୍ୟକ । ପ୍ରତି ରବିବାର ସୂର୍ଯ୍ୟ ପୂଜା କରିବା ଉତ୍ତମ ଫଳ ଦେଇଥାଏ । ଧାର୍ମିକ ଦୃଷ୍ଟିକୋଣରୁ ଜଗତର ସଂରଚନା, ପାଳନ ଏବଂ ସଂହାର ପାଇଁ ଦାୟୀ ପରବ୍ରହ୍ମଙ୍କ ସ୍ୱରୂପ ପଞ୍ଚଦେବଙ୍କ ମଧ୍ୟରୁ ସୂର୍ଯ୍ୟଦେବ ଜଣେ । ରବିବାର ସୂର୍ଯ୍ୟ ପୂଜା ସମୟରେ ରକ୍ତ ପୁଷ୍ପ ଦ୍ୱାର ଅର୍ଘ୍ୟ ଦିଆଯିବାର ବିଧି ରହିଛି । ଅର୍ଘ୍ୟ ଦ୍ୱାରା ବିସର୍ଜିତ ଜଳକୁ ଦକ୍ଷିଣ ନାସିକା, ନେତ୍ର, କାନ ଏବଂ ବାହୁରେ ସ୍ପର୍ଶ କରାଇବା ଉଚିତ୍ । ସୂର୍ଯ୍ୟ ହେଉଛନ୍ତି କାଳଚକ୍ରର ପ୍ରଣେତା । ସୂର୍ଯ୍ୟଙ୍କ ଦ୍ୱାରା ଦିନରାତି, ସମୟ, କ୍ଷଣ, ମାସ, ବର୍ଷ ଆଦିର ବିଭାଗ ହୋଇଥାଏ । ସୂର୍ଯ୍ୟ ସମ୍ପୂର୍ଣ୍ଣ ସଂସାରର ପ୍ରକାଶକ । ଏହାଙ୍କ ବିନା ସବୁ ଅନ୍ଧକାର । ସୂର୍ଯ୍ୟ ଜୀବନ, ଉତ୍ତାପ, ବଳ, ଯଶ, ଚକ୍ଷୁ, ଆତ୍ମା ଏବଂ ମନର ପ୍ରତିକ । ଯିଏ ଭଗବାନ ସୂର୍ଯ୍ୟଙ୍କ ଉପାସନା କରିଥାନ୍ତି, ତାଙ୍କୁ ମନୋବାଞ୍ଛିତ ଫଳ ମିଳିଥାଏ । ତାଙ୍କ କୃପାରୁ ମନୁଷ୍ୟର ମାନସିକ, ବାଚନିକ ଶାରୀରିକ ପାପ ନଷ୍ଟ ହୋଇଯାଇଥାଏ ।

## ପୁଦିନା ଚା' କେତେ ଉପକାରୀ

ପୁଦିନା ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ପୁଦିନା ପତ୍ର ଖାଇବା ଦ୍ୱାରା ନିଜ ଶରୀରକୁ ଅନେକ ରୋଗରୁ ସୁରକ୍ଷା ଦେଇପାରିବେ। ପୁଦିନାକୁ ଅନେକ ଚଟଣୀ ଭାବେ ଖାଦ୍ୟରେ ବ୍ୟବହାର କରିଥା'ନ୍ତି। କିନ୍ତୁ ଆପଣ କେବେ ପୁଦିନା ପତ୍ରର ଚା' ପିଇଛନ୍ତି କି ଯଦି ନୁହେଁ, ତେବେ ଆସନ୍ତୁ ପୁଦିନା ପତ୍ର ଚା' ତିଆରି କରିବାର ପ୍ରଣାଳୀ ଓ ଏହାର ଶରୀର ପାଇଁ ଉପକାରିତା ସମ୍ପର୍କରେ ଜାଣିବା।



, ପୁଦିନା ପତ୍ରର ଚା' ଶରୀରରେ ରୋଗ ପ୍ରତିରାଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଏହା ପାଚନ ପ୍ରକ୍ରିୟା ନିୟନ୍ତ୍ରଣ କରିବା ସହ ଏହାକୁ ସହଜ କରିଥାଏ। ପୁଦିନ ଚା' ପରିସ୍ରା ଜଳାପୋଡ଼ା ଦୂର କରେ ଏବଂ ଶ୍ୱାସଜନିତ ସମସ୍ୟା ଓ ଶ୍ୱାସ ନଳୀରେ ସଂକ୍ରମଣକୁ ଭଲ କରିଥାଏ।

, ପୁଦିନା ପତ୍ରରୁ ପ୍ରସ୍ତୁତ ଚା' ମାନସିକ ଅବସାଦ ଦୂର କରେ। ଏପରିକି ଏହା ଶରୀରକୁ କ୍ୟାନସରୁ ସୁରକ୍ଷା ଦିଏ।

ପୁଦିନା ଚା' ତିଆରି ପାଇଁ ଆବଶ୍ୟକ ସାମଗ୍ରୀ

, ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ଏବଂ ଆବଶ୍ୟକ ଅନୁସାରେ ପାଣି

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ। ସେଥିରେ ୮ରୁ ୧୦ ଟି ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ପକାଇ ପାଣିକୁ ଫୁଟାନ୍ତୁ। କିଛି ସମୟ ପରେ ଏହାକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇ ଯାଇଛି ପୁଦିନା ଚା'। ଏହାକୁ ନିତିଦିନ ପିଅନ୍ତୁ ଏବଂ ନିଜ ସ୍ୱାସ୍ଥ୍ୟ ଓ ମନକୁ ସୁସ୍ଥ ରଖନ୍ତୁ।

## ଦେବକୁଣ୍ଡ ଓ ସୀତାକୁଣ୍ଡର ମହିମା

ଦେବକୁଣ୍ଡ ଓ ସୀତାକୁଣ୍ଡ ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଅବସ୍ଥିତ ଏକ ଦେବଦେବୀ ପୀଠ । ଏଠାରେ ପ୍ରଭୁ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ପୂଜିତ ହୋଇଥାନ୍ତି । ଫଗୁଣ ମାସର ବଡ଼ ଏକାଦଶୀରେ ହେଉଥିବା ଦେବରକୁଣ୍ଡ ମେଳା ପାଇଁ ଏହି ପୀଠ ପ୍ରସିଦ୍ଧ ।

ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର ପିତୃସତ୍ୟ ପାଳନ କରି ୧୪ ବର୍ଷ କାଳ ରାଜପ୍ରସାଦ ଛାଡ଼ି ବନବାସ ଗମନ କରିଥିଲେ । ବନବାସରେ ରହଣି ପରେ ନିଜ ପିତାଙ୍କର ସ୍ୱର୍ଗାରୋହଣ ଖବର ଅତ୍ୟନ୍ତ ମର୍ମାହତ ହୋଇଥିଲେ । ଘଞ୍ଚ ଜଙ୍ଗଲରେ ବୁଲୁ ବୁଲୁ ପିତାଙ୍କର ଶ୍ରାଦ୍ଧ ଦିବସ ପାଇଁ ମାଆ ଜାନକୀ ସ୍ନାନକରି ପିତାଙ୍କର ପିଣ୍ଡଦାନ କରିବା ପାଇଁ ରାମଚନ୍ଦ୍ରଙ୍କୁ କହିଲେ । ସେଦିନ ଭୌମି ଏକାଦଶୀ ତିଥିରେ ମାଆ ଜାନକୀ ସ୍ନାନ କରିବା ପାଇଁ ଜଳ ଆବଶ୍ୟକ କରିଥିଲେ। ସେହି ସମୟରେ ନଦୀ ଶୁଷ୍କଥିବାରୁ ରାମଚନ୍ଦ୍ର ନିଜର ଅନୁଜ ଲକ୍ଷ୍ମଣଙ୍କୁ ଜଳର ସନ୍ଧାନ କରିବା ପାଇଁ କହିଥିଲେ । ଲକ୍ଷ୍ମଣ ବହୁସ୍ଥାନ ବୁଲି ଜଳର ସନ୍ଧାନ ନ ପାଇବାରୁ ରାମଚନ୍ଦ୍ରଙ୍କୁ ସ୍ମରଣ କରି ନିଜ ଧନୁରେ ଗୁଣ ଚଢାଇ ବାଣ ମାରିବାରୁ ନଦୀ ଗର୍ଭରେ ଦୁଇଗୋଟି କୁଣ୍ଡ ସୃଷ୍ଟି ହୋଇଥିଲା ।



ଉକ୍ତ କୁଣ୍ଡ ମଧ୍ୟକୁ ଜଳ ବହିଯିବାଦ୍ୱାରା ଉକ୍ତ କୁଣ୍ଡ ଦୁଇଟି ଛୋଟ ପୁଷ୍କରିଣୀର ଭ୍ରମ ସୃଷ୍ଟି କରିଥିଲା । ତାହାପରେ ଏକ କୁଣ୍ଡରେ ମାତା ସୀତା ଓ ଅନ୍ୟଟିରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ସ୍ନାନ କରିଥିଲେ। ସେହି କାଳରୁ ମାତା ସୀତା ସ୍ନାନ କରିଥିବା କୁଣ୍ଡର ନାମ 'ସୀତାକୁଣ୍ଡା' ଏବଂ ରାମଲକ୍ଷ୍ମଣ ସ୍ନାନ କରିଥିବା କୁଣ୍ଡର ନାମ 'ଦେବକୁଣ୍ଡ' ଭାବେ ନାମିତ । କାଳକ୍ରମେ କୁଣ୍ଡର ନାମାନୁସାରେ ଉକ୍ତ ପବିତ୍ର ପୀଠଟି ମଧ୍ୟ ସେହି ନାମରେ ନାମିତ ହୋଇଛି । ଏହି କୁଣ୍ଡ ନିକଟରେ ବଡ଼ ଦୀପ ଆକୃତିର ଚିହ୍ନ ମଧ୍ୟ ଦେଖାଯାଏ । ସେହି ଦୀପ ସମ୍ବନ୍ଧରେ ଜନଶ୍ରୁତି ଅଛି ଯେ, ମାଆ ଜାନକୀ ସ୍ନାପରେ ଏହିଠାରେ ତାଙ୍କର ଶ୍ୱଶୁର ଦଶରଥଙ୍କୁ ବାଲିପିଣ୍ଡ ଦାନ କରିବା ସମୟରେ ଉକ୍ତ ଦୀପକୁ ବ୍ୟବହାର କରିଥିଲେ। ଉକ୍ତ ସ୍ମୃତିକୁ ସାଇତି ରଖିବା ପାଇଁ ପ୍ରଥମେ ସ୍ଥାନୀୟ ଭକ୍ତମାନେ ସେଠାରେ ଉକ୍ତ ତୀର୍ଥରେ ପୂଜାର୍ଚ୍ଚନା କରୁଥିଲେ । ଧୀରେ ଧୀରେ ପୀଠର ମହିମା ପ୍ରଚାରିତ ହେବା ପରେ ଏହି ପବିତ୍ର କୁଣ୍ଡର ଜଳରେ ଫାଲ୍‌ଗୁନ ମାସର ବଡ଼ ଏକାଦଶୀ ତିଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ବୁଡ଼ ପକାଇ ଆସୁଛନ୍ତି । କୁହାଯାଏ ଯେ, ଏହି କୁଣ୍ଡରେ ସ୍ନାନ କଲେ ସମସ୍ତ ପାତକ ନାଶ ହେବା ସହ ପୁଣ୍ୟ ମିଳିଥାଏ । ସ୍ଥାନୀୟ କିଛି ଧର୍ମପରାୟଣ ବ୍ୟକ୍ତିଙ୍କ ଉଦ୍ୟମରେ ଏହି ପୀଠର ମହିମା ବୃଦ୍ଧି ଉଦ୍ଦେଶ୍ୟରେ ନିକଟରେ ପ୍ରାୟ ୨୦ଟିରୁ ଅଧିକ ମନ୍ଦିରନିର୍ମାଣ କରାଯାଇଛି ।

ଏହି ନଦୀର ପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ସହ ବହୁ ପ୍ରାଚୀନ କୀର୍ତ୍ତିରାଜି ମଧ୍ୟ ଦେଖିବାକୁ ମିଳେ । ନିକଟସ୍ଥ ମନ୍ଦିରମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ, ସୁର୍ଯ୍ୟଦେବ, ସୂର୍ଯ୍ୟ ନାରାୟଣ, ମହାଦେବ, ହନୁମାନ, ଖରାଖିଆ ମହାଦେବ, ଜଗନ୍ନାଥ, ଅଜଣା ଦେବୀ, ସନ୍ତୋଷ ମାତାଙ୍କ ମନ୍ଦିର ଅନ୍ୟତମ । ସ୍ଥାନୀୟ ଗ୍ରାମବାସୀ ଭକ୍ତଙ୍କ ଦାନପାଣ୍ଠିରେ ମିଳିତ ଅର୍ଥରେ ଉକ୍ତ କୁଣ୍ଡ ପାର୍ଶ୍ୱରେ ଏକ ଶ୍ରୀରାମ ମନ୍ଦିର ନିର୍ମାଣ କରିଛନ୍ତି ।

## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'ଙ୍କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ମୋ ବସ୍ ଦୁର୍ଘଟଣା : ଝିଅ ପରେ ମା’ ମୃତ

**ଭୁବନେଶ୍ୱର, ୧୭।୨ (ମହାଭାରତ):** ଗତ ଶୁକ୍ରବାର ରାତିରେ ୧୬ ନମ୍ବର ଜାତୀୟ ରାଜପଥ ପାତ୍ରପଡ଼ା ଛକରେ ମୋ ବସ୍ ଦୁର୍ଘଟଣାରେ ଗୁରୁତର ହୋଇ ରାଜକୁମାରୀ ପ୍ରଧାନ ଆଜି ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଝିଅ ନନ୍ଦିନୀ ପ୍ରଧାନ ଦୁର୍ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବେଳେ ମାଆଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ବେପରୁଆ ଚାଳକ ଯୋଗୁ କଳିଙ୍ଗବିହାରରେ ରହୁଥିବା ନନ୍ଦିନୀ ପ୍ରଧାନଙ୍କ ମୃତ୍ୟୁ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କ ଭାଇ ବିଦ୍ୟାସାଗର ପ୍ରଧାନଙ୍କ ସମେତ ଅନ୍ୟ ତିନି ଜଣ ଆହତ ହୋଇଥିଲେ। ବୃଦ୍ଧା ମା’ଙ୍କ ଆଖି ଆଗରେ ଝିଅର ମୃତ୍ୟୁ ଘଟିବା ଓ ପୁଅ ଗୁରୁତର ହେବା ଭଳି ଘଟଣା ସେତେବେଳେ ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା। ଉତ୍ତ୍ୟକ୍ତ ଲୋକେ ବସ୍ ଚାଳକକୁ ବହେ ଛେଚିବା ସହ ବସ୍ ଭଙ୍ଗାରୁଜା କରିଥିଲେ।

ନନ୍ଦିନୀ ଓ ତାଙ୍କ ଭାଇ ବିଦ୍ୟାସାଗର ସେମାନଙ୍କ ବୃଦ୍ଧା ମା’ ରାଜକୁମାରୀଙ୍କୁ ଫୁଲବାଣୀ ବସରେ ବସାଇବାକୁ ଆସିଥିଲେ। ସେମାନେ ପାତ୍ରପଡ଼ା ଛକରେ ବସକୁ ଅପେକ୍ଷା କରିଥିଲେ। ସେଠାରେ ଅନ୍ୟ ଜଣେ ମହିଳା ଆଞ୍ଜେଲିନା ନାୟକ, ତାଙ୍କ ସ୍ୱାମୀ ସତ୍ୟବାନ ନାୟକ ଓ ଜୋଇଁ ସିକେନ୍ଦ୍ର ପରିଛା ମଧ ଫୁଲବାଣୀ ବସକୁ ଅପେକ୍ଷା କରିଥିଲେ। ଆଉ କିଛି ମିନିଟ୍ ମଧ୍ୟରେ ଫୁଲବାଣୀ ବସ୍ ପହଞ୍ଚିଥା’ନ୍ତା। କିନ୍ତୁ ହଠାତ୍ କାଳ ଭଳି ମାଡ଼ିଆସିଲା ମୋ ବସ୍। ସେଠାରେ ଠିଆ ହୋଇଥିବା ଲୋକଙ୍କ ଉପରକୁ ମାଡ଼ିଗଲା। ତିନି ତିନିଟି ଗାଡ଼ିକୁ ଚୂର୍ମାର କରିବା ସହ ନନ୍ଦିନୀଙ୍କୁ ଘୋଷାରି ନେଇଥିଲା। ସେହିଭଳି ବିଦ୍ୟାସାଗର, ଆଞ୍ଜେଲିନା, ସତ୍ୟବାନ ମଧ ବସ୍ ଧକ୍କାରେ ଗୁରୁତର ହୋଇପଡ଼ିଥିଲେ। କିନ୍ତୁ ନନ୍ଦିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ବୃଦ୍ଧା ରାଜକୁମାରୀଙ୍କ ଆଖି ଆଗରେ ଝିଅର ମୃତଦେହ ଏବଂ ଗୁରୁତର ପୁଅ ପଡ଼ିଥିଲା। ସେ ମୁଣ୍ଡ ପିଟି କାନ୍ଦିବାକୁ ଲାଗିଲେ। ଏଭଳି ଲୋମଟାଙ୍କୁରା ଦୃଶ୍ୟ ଦେଖିବା ପରେ ରୁଣ୍ଡ ହୋଇଥିବା ଲୋକଙ୍କ ଭିତରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ମୋ ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହେବାକୁ ବାହାରିବା ଦେଖି ଲୋକେ ଗୋଡ଼ାଇଥିଲେ। ବସ୍ ଚାଳକ ପ୍ରଶାନ୍ତ ଛୋଟରାୟ ଜୀବନ ବିକଳରେ ଗାଡ଼ିର ବେଗ ବାଇ ଖୋର୍ଦ୍ଧା ଦିଗରେ ପଳାଇଥିଲା। ପାଖାପାଖି ୨୦ ବାଇକ୍ ତାକୁ ଗୋଡ଼ାଇ ଥିଲା। ତଳଖେତା ଛକରୁ ବସଟି ମୋଡ଼ ବଦଳାଇ ତମାଣ୍ଡୋ ଦିଗରେ ଆସିଥିଲା ଏବଂ ତମାଣ୍ଡୋ ଥାନା ନିକଟରେ ଅଟକି ଥିଲା। ପିଛା କରୁଥିବା ଲୋକେ ତାକୁ ବହେ ଛେଚିଥିଲେ ଏବଂ ବସ୍ ଭଙ୍ଗାରୁଜା କରିଥିଲେ। ପୁଲିସ ବହୁ କଷ୍ଟରେ ଚାଳକ ପ୍ରଶାନ୍ତକୁ ଉଦ୍ଧାର କରିଥିଲା।

# ରାଜ୍ୟରେ ଅପରାଧିକ ମାମଲା ବୃଦ୍ଧି ପାଉଛି

**ଭୁବନେଶ୍ୱର, ୧୭।୨ (ମହାଭାରତ):** ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ୨୦୨୩ ତୁଳନାରେ ୨୦୨୪ରେ ଏହି ସଂଖ୍ୟା ବୃଦ୍ଧି ପାଇଛି। ଅନ୍ୟପଟେ ମହିଳା ବିରୋଧୀ ଅପରାଧକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। କଂଗ୍ରେସ ଓ ବିଜେଡି ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଜବାବ ରଖିଛନ୍ତି ବିଜେପି। ରାଜ୍ୟରେ ମହିଳା ବିରୋଧୀ ଅପରାଧ ଦିନକୁ ଦିନ ବଢ଼ିଚାଲିଛି। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସଙ୍କ ପ୍ରଶ୍ନର ଉତ୍ତର ଦେଇ ଲିଖିତ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଗତ ୮ ମାସରେ ୧୮ ହଜାର ୧ଟି ମହିଳାବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ସେଥିରୁ ୧୭ ହଜାର ୨୧ଟି ମାମଲା ବିଚାରାଧୀନ ଥିବା ବେଳେ ୭୩୮ଟି ମାମଲାରେ ଚାର୍ଜସିଟ୍ ଦିଆଯାଇଛି। ୨୧୭ଟି ମାମଲାର ଫଇସଲା ସରିଥିବା ବେଳେ ୨୫ଟି ମାମଲାର ଫାଇନାଲ୍ ରିପୋର୍ଟ ଦିଆସରିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ମହିଳାଜନିତ ଅପରାଧକୁ ନେଇ ମୁହାଁମୁହିଁ ହୋଇଛନ୍ତି ତିନି ରାଜନୈତିକ ଦଳ। ରାଜ୍ୟରେ ଦିନକୁ ଦିନ ବିଚାଲିଛି ଅପରାଧିକ କାର୍ଯ୍ୟକଳାପ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ସବିଶେଷ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ୨୦୨୩ ତୁଳନାରେ ୨୦୨୪ରେ ବିଛି ଅପରାଧ। ରାଜ୍ୟରେ ୨୦୨୩ରେ ସର୍ବମୋଟ୍ ୧ ଲକ୍ଷ ୯୯ ହଜାର ୯ ଶହ ୫୪ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ ହୋଇଥିଲା। ୨୦୨୪ରେ ୨ଲକ୍ଷ ୧୪ ହଜାର ୧୧୩ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ ହୋଇଛି। ବିଶେଷକରି ରାଜ୍ୟରେ ଚୋରି ମାମଲା ବିବାରେ ଲାଗିଛି। ୨୦୨୩ରେ ମୋଟ୍ ୧୬ ହଜାର ୮ଶହ ୫୧ଟି ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୧୭ ହଜାର ୮ଶହ ମାମଲା ହୋଇଛ। ସେହିପରି ଦୁର୍ଘଟଣା ଓ ଦୁଷ୍କର୍ମ ଜନିତ ମାମଲା ମଧ ବୃଦ୍ଧି ପାଇଛି। ରାଜ୍ୟରେ ବଢୁଥିବା ଅପରାଧକୁ ନିୟନ୍ତ୍ରଣ କରିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ।

# ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ଆଞ୍ଚଳିକ ସମୀକ୍ଷା ବୈଠକ

**ଭୁବନେଶ୍ୱର, ୧୭।୨ (ମହାଭାରତ):** ଆଜିଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ଏବଂକେରଳ ଆଦି ୫ଟିରାଜ୍ୟକୁ ନେଇଆଞ୍ଚଳିକ ସମୀକ୍ଷା ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ସଂପୃକ୍ତ ବିଭାଗର ଶାସନ ସଚିବ ଅମିତ ଯାଦବ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ସାମାଜିକ ନ୍ୟାୟ ଓ ସଶକ୍ତି କରଣକୁ ନେଇ ବିଭିନ୍ନ ଯୋଜନା ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତି କରଣ ମନ୍ତ୍ରାଳୟ ଦ୍ୱାରା ରାଜ୍ୟ ଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗ ଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଛି। ଏହିଞ୍ଚକଲ୍ୟାଣକାରୀ ଯୋଜନାର କାର୍ଯ୍ୟ କାରିତାକୁ ଆକଳନ କରିବା, ପ୍ରମୁଖ ଆହ୍ୱାନର ମୁକାବିଲା କରିବା ଏବଂ ସମାବେଶୀ ଅଭିବୃଦ୍ଧି ତଥା ସାମାଜିକ ନ୍ୟାୟ ପାଇଁ ନୂତନ ରଣନୀତି ଅନ୍ୱେଷଣ କରିବାର ସୁଯୋଗ ପ୍ରଦାନ କରିଛି। ସମ୍ମିଳନୀର ଉଦ ଘାଟନୀ ଅଧିବେଶନକୁ କେନ୍ଦ୍ର ସରକାରଙ୍କ ଏହି ବିଭାଗର ଶାସନ ସଚିବ ଶ୍ରୀ ଯାଦବ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମ୍ବୋଧନ କରିଥିଲେ ଏବଂ ଓଡ଼ିଶାର ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପରିଚାଳନା କରିଥିଲେ।




ଉଦଘାଟନୀ ଅଭିଭାଷଣରେ, ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରି ସଂପୃକ୍ତ ବିଭାଗୀୟ ସଚିବ ଶ୍ରୀ ଯାଦବ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରଥମେ ଏହି କାର୍ଯ୍ୟକ୍ରମ ଆଗ୍ରାରେ ଆରମ୍ଭ ହୋଇଥିଲା, ପରେ ପରେ ଆଞ୍ଚଳିକ ବୈଠକ ଲକ୍ଷ୍ନୌ, ହାଇଦ୍ରାବାଦ ଓ ଜୟପୁରରେ ଆୟୋଜିତ ହୋଇଥିଲା ବୋଲି କହିଥିଲେ। ଶ୍ରୀ ଯାଦବ କହିଛନ୍ତି, ସାମାଜିକ ନ୍ୟାୟ ଯୋଜନା ଗୁଡ଼ିକ ରାଜ୍ୟ ସ୍ତରରେ କାର୍ଯ୍ୟକାରୀ ହେଉଛି। ତେଣୁ ଫଳପ୍ରଦ କାର୍ଯ୍ୟକାରିତା ପାଇଁ କେନ୍ଦ୍ର ଅଧିକାରୀ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ସେ ଅନୁସୂଚିତ ଜାତି, ପଛୁଆବର୍ଗ, ଡିନୋଟିଫାଏଡ୍ ଏବଂ ନୋମାଡିଡ଼ିକ ଜନଜାତି (ଡିଏନଟି), କିନ୍ନର, ବରିଷ୍ଠ ନାଗରିକ, ପରିମଳ କର୍ମଚାରୀ ଏବଂ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ କଲ୍ୟାଣ ସମେତ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ଯାଦବ ସଶକ୍ତିକରଣର ତିନୋଟି ମୁଖ୍ୟ ସ୍ତମ୍ଭ- ଶିକ୍ଷା, ସାମାଜିକ ଅନ୍ତର୍ଭୁକ୍ତି କରଣ ଏବଂ ଆର୍ଥିକ ସହାୟତା ବିଷୟରେ କହିଥିଲେ। ଏସସି ଏବଂ ଓବିସି ଛାତ୍ରବୃତ୍ତି, ଆର୍ଥିକ ଅନୁଦାନ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ ଋଣ ଭଳି ଯୋଜନା ଅଧୀନରେ ଆର୍ଥିକ ସହାୟତାର ଉପଲବ୍ଧତା ଉପରେ ସେ ଆଲୋକପାତ କରିଥିଲେ। ନିଶାମୁକ୍ତ ଭାରତ ଅଭିଯାନର କାର୍ଯ୍ୟକାରିତା ମଧ ସମୀକ୍ଷା କରାଯାଇଥିଲା। ଯେଉଁଥିରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଗୁଡ଼ିକ ସହିତ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାଣ୍ଠିର ଉପଯୋଗିତା ପ୍ରସଙ୍ଗରେ ସେ ରାଜ୍ୟ ଗୁଡ଼ିକୁ ଠିକ ସମୟରେ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ‘ପିଏମ-ଅଜୟ’ ପଦକ୍ଷେପ ଅଧୀନରେ ପାଣ୍ଠିର ସଦୁପଯୋଗ କରିବାକୁ କହିଥିଲେ।କଲ୍ୟାଣମୂଳକ ପଦକ୍ଷେପକୁ ସୁବ୍ୟବସ୍ଥିତ କରିବା ପାଇଁ ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତିରାଜ ଏବଂ ଶିକ୍ଷା ଭଳି ବିଭାଗ ଗୁଡ଼ିକ ମଧ୍ୟରେ ଆନ୍ତଃରାଜ୍ୟ ସମନ୍ୱୟର ଆବଶ୍ୟକତା ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ବିଶ୍ୱସ୍ତରୀୟ ହକି ଭିତ୍ତିଭୂମି ଉପରେ ଆଲୋକପାତ କରି କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ସେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପର ପରମ୍ପରାକୁ ମଧ ସ୍ୱୀକାର କରିଥିଲେ, ଯାହା ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀ ଆହୁଜା ତାଙ୍କ ଅଭିଭାଷଣରେ କହିଥିଲେ ଯେ ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ଅନୁସୂଚିତ ଜାତି ଜନ ସଂଖ୍ୟା ଏହାର ମୋଟ ଜନସଂଖ୍ୟାର ପ୍ରାୟ ୧୭ ପ୍ରତିଶତ। ଆୟୋଜିତ ସମ୍ମିଳନୀ ଆମକୁ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତାକୁ ଆକଳନ କରିବା, ପ୍ରମୁଖ ଆହ୍ୱାନର ମୁକାବିଲା କରିବା ଏବଂ ସାମାଜିକ ନ୍ୟାୟ ପାଇଁ ନୂତନ ରଣନୀତି ଅନ୍ୱେଷଣ କରିବାର ସୁଯୋଗ ପ୍ରଦାନ କରୁଛି। ସେ କହିଛନ୍ତି, ୨୦୪୭ ସୁଦ୍ଧା ବିକାଶିତ ଭାରତର ସ୍ୱପ୍ନ ପୂରଣ କରିବାକୁ ହେଲେ ପଛୁଆବର୍ଗ, ଅନୁସୂଚିତ ଜାତି, ଏସଇବିସି ସମ୍ପ୍ରଦାୟ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିମନ୍ତେ କଲ୍ୟାଣ ଓ ସଶକ୍ତିକରଣ ଯୋଜନା ପ୍ରସ୍ତୁତ ନେଇ ପ୍ରତିବଦ୍ଧ ହେବାକୁ ହେବ।

# ଲୋକସେବା ଭବନରେ ଇ-ଗ୍ରନ୍ଥାଳୟ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୭।୨ (ମହାଭାରତ):** ଆଜି ଲୋକସେବା ଭବନର ବିଧି ବିଭାଗ ପରିସରରେ ଇ-ଗ୍ରନ୍ଥାଳୟକୁ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ୍ଛନ୍ଦନ ଉଦଘାଟନ କରିଥିଲେ।

ଏହି ଗ୍ରନ୍ଥାଳୟରେ ଆଇନଗତ ଗବେଷଣା ଓ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟ ପାଇଁ ସହାୟକ ସର୍ବୋଚ୍ଚ ନ୍ୟାୟଳୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ତଥା ଅନ୍ୟ ଅଧସ୍ତନ ନ୍ୟାୟଳୟର ସମସ୍ତ ଆଦେଶ ଉପଲବ୍ଧ ହେବ। ତତସହିତ ଏହି ଗ୍ରନ୍ଥାଳୟରେ ସର୍ବଶେଷ ଅଦ୍ୟତନ ଆଇନ ମାମଲା, ଦିନପଞ୍ଜି, ଉଦ୍ଧୃତି, ବ୍ୟବସାୟ ନୀତି, ଅନ୍ତର୍ଜାତୀୟ ତଥ୍ୟ, ଇ-ପୁସ୍ତକ, କମିଟି ରିପୋର୍ଟ, ଇସ୍ତାହାର ଏବଂ ଅଧ୍ୟାଦେଶ ଆଦି ଅତ୍ୟନ୍ତ ସୁବୋଧ ଓ ସୁଗମ୍ୟ ଭାବେ ଉପଲବ୍ଧ ହେବ।

ଏହି ଅବସରରେ ସମସ୍ତ ସରକାରୀ ବିଭାଗ ମାନଙ୍କୁ ମନୁପାତ୍ର ଅନଲାଇନ ଡାଟାବେସ୍, Orissa Law Times, ଇ-ଗ୍ରନ୍ଥାଳୟ ଓ LMS ରେ ସୁଗମ ପ୍ରବେଶ ପାଇଁ ସୁବିଧା ଯୋଗାଇ ଦିଆଯିବ ଯାହା ସର୍ବସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ସହାୟକ ହେବ। ଏହା ଆଇନ ବିଭଗ ଦ୍ୱାରା ଏକ ଅତ୍ୟନ୍ତ ଯୁଗାନ୍ତକାରୀ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ହରିଚ୍ଛନ୍ଦନ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା, ଆଇନ୍ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଥମୁନି ସବର୍ଣ୍ଣ-ଅସବର୍ଣ୍ଣ ବିବାଦ

**ଢେଙ୍କାନାଳ, ୧୭।୨ (ମହାଭାରତ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମ ଭାଲିଆ ତଇଲା ଦଳିତ ବସ୍ତି ଏବଂ ଖଣ୍ଡୁଆଳମୁଣ୍ଡା ଗାଁର ସବର୍ଣ୍ଣ ଯୁବକଙ୍କ ମଧ୍ୟରେ ବିବାଦ ଥମିବାର ନାଁ ଧରୁନି, ଫଳରେ ଉଭୟଙ୍କ ମଧ୍ୟରେ ଭିତରେ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ସୂଚନାଯୋଗ୍ୟ ଯେ, ଖଣ୍ଡୁଆଳମୁଣ୍ଡା ସବର୍ଣ୍ଣ ସାହିରେ ଗତ ବୁଧବାର ମାଘ ପୂର୍ଣ୍ଣିମା ଯାତ୍ରା ଚାଲିଥିବା ବେଳେ ରାତିରେ ଦଣ୍ଡନାଚ ହୋଇଥିଲା। ସେହିଦିନ ଭାଲିଆ ତଇଲା ସାହିର ଜଣେ ଯୁବକ ସହ ଖଣ୍ଡୁଆଳମୁଣ୍ଡା ସବର୍ଣ୍ଣ ସାହିର କିଛି ଯୁବକ ଝଗଡ଼ା ହୋଇଥିଲା, ଏହାକୁ ନେଇ ଖଣ୍ଡୁଆଳମୁଣ୍ଡାର ୫ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି, ତେବେ ଭାଲିଆତଇଲା ଦଳିତ ବସ୍ତିର ଯେଉଁ ଯୁବକ ସହିତ ଗଣ୍ଡଗୋଳ ହୋଇଥିଲା, ସେ କିଛି ସାଙ୍ଗଙ୍କ ସହ ଖଣ୍ଡୁଆଳମୁଣ୍ଡା ଗାଁର ଜଣେ ନୀରିହ ଯୁବକକୁ ଆକ୍ରମଣ କରିଥିଲେ। ଏନେଇ ଭାଲିଆତଇଲା ଦଳିତ ବସ୍ତିର ୪ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଖଣ୍ଡୁଆଳମୁଣ୍ଡା ଗ୍ରାମର ଶତାଧିକ ଯୁବକ ହାତରେ ଠେଙ୍ଗାଧରି ଭାଲିଆ ତଇଲା ଦଳିତ ବସ୍ତି ଉପରେ ଆକ୍ରମଣ କରିବାକୁ ଯାଉଥିବା ବେଳେ ପୋଲିସ୍ ପହଂଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଉଭୟ ଘଟଣାରେ କାହାକୁ ଗିରଫ କରାଯାଇନି। ତେବେ ଶୁକ୍ରବାର ସନ୍ଧ୍ୟାରେ ପୁଣି ଭାଲିଆତଇଲା ଦଳିତ ବସ୍ତିର କିଛି ଯୁବକ ହାତରେ ଖଣ୍ଡା, ଭୁଜାଲି ଧରି ବାଇକ୍‌ରେ ଆସି ଖଣ୍ଡୁଆଳମୁଣ୍ଡା ସବର୍ଣ୍ଣ ସାହିରେ ବିଭିନ୍ନ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇ ପଳାଇଯିବା ଘଟଣାରେ ଖଣ୍ଡୁଆଳମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ପରଜଙ୍ଗ ଥାନାରେ ଶୁକ୍ରବାର ରାତିରେ ଏକ ଲିଖିତ ଅଭିଯୋଗ ହୋଇଛି। ସେହିପରି ଶୁକ୍ରବାର ରାତିରେ ଖଣ୍ଡୁଆଳମୁଣ୍ଡା ଗାଁ ମୁଣ୍ଡରେ ଥିବା ୭ଟି ସବର୍ଣ୍ଣ ପରିବାରଙ୍କ ଘରକୁ ଖଣ୍ଡୁଆଳମୁଣ୍ଡା ଗ୍ରାମର କିଛି ଅସବର୍ଣ୍ଣ ଯୁବକ ତାଙ୍କ ଘର ଉପରକୁ ପଥରମାଡ କରିଥିଲେ, ଫଳରେ ୭ଟି ପରିବାରର ସମସ୍ତ ସଦସ୍ୟ ଶନିବାର ସକାଳେ ପରଜଙ୍ଗ ଥାନାରେ ଖଣ୍ଡୁଆଳମୁଣ୍ଡା ଗାଁର କିଛି ଯୁବକଙ୍କ ନାଁରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ୍ ତଦନ୍ତ ଜାରି ରଖିଛି। ବର୍ତ୍ତମାନ ଭାଲିଆତଇଲା ଦଳିତ ବସ୍ତିରେ ପୋଲିସ୍ ଫୋର୍ସ୍ ମୁତୟନ ଅଛନ୍ତି।

# ବ୍ୟାସ ଫାଉଣ୍ଡେସନର ବାର୍ଷିକୋତ୍ସବ ଓ ‘ଗୀତାଜ୍ଞାନାଞ୍ଜନ’ ଲୋକାର୍ପିତ

**ଭୁବନେଶ୍ୱର, ୧୭।୨ (ମହାଭାରତ):** ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ୍ ଟ୍ରଷ୍ଟର ୫ମ ବାର୍ଷିକୋତ୍ସବ ଓ ତ୍ରୈମାସିକ ଆଧ୍ୟାତ୍ମିକ ପତ୍ରିକା ‘ଗୀତାଜ୍ଞାନାଞ୍ଜନ’ର ଏକାଦଶ ସଂସ୍କରଣ ଲୋକାର୍ପଣ ଉତ୍ସବ ଓ ପ୍ରତିଭା ପୂଜା ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସ୍ନେହମୟୀ ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ବିଶିଷ୍ଟ ସନ୍ଥ ଡ. ଶୃତି ସାଗରାନନ୍ଦ ଜୀ ମହାରାଜ, ଶିଳ୍ପ, ଦକ୍ଷତା ବିକାଶ ତଥା ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରୀସତ୍ୟସାଇ ଟ୍ରଷ୍ଟର ରାଜ୍ୟନ୍ୟାସୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଓଟିଭି ପ୍ରାର୍ଥନାର କାର୍ଯ୍ୟକାରୀ ପ୍ରଯୋଜକ ଅଭିନନ୍ଦନ ଦାସ, ବୁଦ୍ଧିଜୀବୀ ଫୋରମ, ନୂଆଦିଲ୍ଲୀର ଆବାହକ ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ଗୀତାଜ୍ଞାନାଞ୍ଜନ ପତ୍ରିକାର ଏକାଦଶ ସଂଖ୍ୟା ଉନ୍ମୋଚନ ଓ ଲୋକାର୍ପିତ ହୋଇଥିଲା। ସଂଗଠନ ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ ‘ଆମ ସଂଗଠନ ଓ ଆମ ଦାୟିତ୍ୱ’ ଶୀର୍ଷକ ବାର୍ଷିକ ବୀବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୩୦ଜଣ ବ୍ୟକ୍ତିଙ୍କୁ ବ୍ୟାସ ସେବା, ବ୍ୟାସ ପ୍ରତିଭା, ବ୍ୟାସ ଆଦର୍ଶ ଦମ୍ପତି ଚକୋର ଚକୋରୀ ଓ ବ୍ୟାସ ପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୩୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାକେଶ ପଟ୍ଟନାୟକ, ଶ୍ରୀମତୀ ବନ୍ଦିତା ସୁଭଦର୍ଶିନୀ, ବ୍ରହ୍ମଚାରୀ ପ୍ରମୋଦ କର, ସଂଗ୍ରାମ ନାୟକ, ବିପିନ ମାଝି, ପ୍ରୀତିମୟୀ ଆଚାର୍ଯ୍ୟ, କ୍ଷେତ୍ରମୋହନ ଦାସ, ସୁରେଶ ଚନ୍ଦ୍ର ଦାସ, ଗଗନ ବିହାରୀ ପୃଷ୍ଟି, ଅକ୍ଷୟ କୁମାର ସାହୁ, କ୍ୟାପଟେନ୍ ଜ୍ଞାନଜ ସାମନ୍ତରାୟ, ରମାକାନ୍ତ ରାଉତ, ରଂଜନ କୁମାର ପ୍ରଧାନ, ଆକାଶ କୁମାର ପ୍ରଧାନ, ହୃଷୀକେଶ ନନ୍ଦ, ଯଶୋବନ୍ତ ରାଉତ, ହେମନ୍ତ କୁମାର ନାୟକ, ନନ୍ଦିନୀ ପଣ୍ଡା, ମିହିର ରଂଜନ ସାହୁ, ଉମାକାନ୍ତ ନାୟକ, ପବିତ୍ର କୁମାର କର, ସଂଗ୍ରାମ ମନ୍ତ୍ରୀ, ପ୍ରଫୁଲ୍ଲ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



# ମାନ୍ଦଲା ଆଞ୍ଚଳିକ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

**କଣ୍ଟାବାଞ୍ଜି, ୧୭।୨ (ମହାଭାରତ):** ତୁରେକେଲା ବ୍ଲକ ଅନ୍ତର୍ଗତ ମାନ୍ଦଲା ଆଞ୍ଚଳିକ ସାଧନ କେନ୍ଦ୍ର କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା କମେଇମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନସିଂ ମାଝୀଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ,ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପୁଟାପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ରୁର ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଧନସିଂ ମାଝୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସଭା ପରିଚାଳନା କରିଥିଲେ। ସର୍ବ ପ୍ରଥମେ ଅତିଥି ମାନେ ମା ବାଗ୍ଦେବୀଙ୍କ ଫଟୋଚିତ୍ରରେ ଧୂପଦୀପ ଓ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଛାତ୍ରୀବୃନ୍ଦ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ତାପରେ ନିପୁଣ ମିଶନର ଗୀତ ଓ ପ୍ରତିଜ୍ଞା ନିଆଯାଇଥିଲା। ପ୍ରଥମରୁ ତୃତୀୟ ଶ୍ରେଣୀ ର ସଂଖ୍ୟାଜ୍ଞାନ ଓ ଭାଷାଜ୍ଞାନ ଉପରେ ତିଆରି ହୋଇଥିବା ବିଭିନ୍ନ ଶିକ୍ଷଣ ସାମଗ୍ରୀ ମେଳାରେ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷଣ ସାମଗ୍ରୀ ଗୁଡିକୁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଦେଖି ଖୁସି ଅନୁଭବ କରିଥିଲେ। ସାଲେପଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈଷ୍ଣବ ବେହେରା, ଏଫଏଲଏନ ଶିକ୍ଷକ ସୁରେଶ ମାଝୀ, ତାରା ପ୍ରଧାନଙ୍କ ପ୍ରଚେଷ୍ଟାରେ ତିଆରି ହୋଇଥିବା ଶିକ୍ଷଣ ସାମଗ୍ରୀକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରିଥିଲେ। ବିଚାରକ ଭାବରେ ଶିକ୍ଷକ ବିମଳ ହାତୀ ଓ ବିଦ୍ୟାଧର ନାୟକ ସମସ୍ତ ଶିକ୍ଷଣ ସାମଗ୍ରୀ ଗୁଡିକୁ ବୁଲି ଦେଖିଥିଲେ। ସାଲେପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ପୁରସ୍କାର ଦେବାକୁ ଚୟନ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ମେଳାରେ ଶିକ୍ଷକ ଲଳିତ କୁଅଁର, ଭବାନୀ ବେହେରା, ବିଶେଶ୍ୱର ମୁଦୁଲି, ପ୍ରମୋଦ ମାଝୀ, ବିକାଶ ନାଥ, ହେମାନନ୍ଦ ତାଣ୍ଡୀ, ଘନଶ୍ୟାମ ଭୋଏ, ବିକାଶ ବର୍ଗେ, ଶରତ ମାଝୀ, ରାଜ କିଶୋର ସେଠ, ମୋହିନୀ ଧରୁଆ, ଯଶୋବନ୍ତୀ ପୁଟେଲ, ଚନ୍ଦ୍ରାବତୀ ଦେଇ ପ୍ରମୁଖ ସହଯୋଗ କରିଥିଲେ।




# ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା

**ଦିଗପହଣ୍ଡି, ୧୭।୨ (ମହାଭାରତ):** ଶୁକ୍ରବାର ଦିନ ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତ ଚାଞ୍ଚଡାପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ଦିଗପହଣ୍ଡି ବ୍ଲକ ଉନ୍ନୟନ ଅଧିକାରୀ ଡଃ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି, ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶିଶିର କୁମାର ପ୍ରଧାନ, ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ତଥା ଟିକିଟି ମହାବିଦ୍ୟାଳୟ ଅଧକ୍ଷା ନିବେଦିତା ପାଢୀ, ସହଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମନାଥ ବିଷୋୟୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ମଞ୍ଚାସୀନ ରହିଥିଲେ। ପଦ୍ମନାଭପୁର କ୍ଲଷ୍ଟର ସିଆରସିସି ଶ୍ରୀକାନ୍ତ ସାମନ୍ତରାୟ ସଭା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ବୃଦ୍ଧି କରି ସର୍ବାଙ୍ଗୀନ ବିକାଶ କରିବା ନିପୁଣ ଓଡିଶା କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ବ୍ଲକ ଅଧିନସ୍ଥ ୧୬ ଗୋଟି କ୍ଲଷ୍ଟରର ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ଦ୍ୱାରା ନିପୁଣ ଓଡିଶା, ଜୀବନ୍ତ ଶିକ୍ଷାଦାନ, ଅଭିନବ ଶିକ୍ଷଣ ସାମଗ୍ରୀ, ଆଲୋଚନା ଏବଂ ମତାମତ ଭଳି ୫ଟି ଷ୍ଟଲରେ ପରିବେଷିତ ପ୍ରକଳ୍ପକୁ ଅତିଥି ମାନେ ପରିଦର୍ଶନ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରିଶେଷରେ ପ୍ରତିଭାଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଶିକ୍ଷାର୍ଥୀ ମାନେ ଶପଥ ପାଠ କରିଥିବା ବେଳେ ବିଭିନ୍ନ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଏଫ୍ ଏଲ୍ ଏନ୍ ଗ୍ରେଡ଼ର ଶିକ୍ଷକ ଏବଂ ସମସ୍ତ ସିଆରସିସି ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।



## ଜାତିଗତ ରାଜନୀତି

ବିହାରରେ ଜାତିଗତ ରାଜନୀତିର ପ୍ରଭାବ ରହିଛି । ଏଥିପାଇଁ ନୀତିଶ କୁମାର ଏହାକୁ ଅସ୍ତ୍ର କରି ୨୦୨୪ ନିର୍ବାଚନ ପାରି ହେବାକୁ ଲକ୍ଷ୍ୟ ରଖିଛନ୍ତି । ବିଜେପିକୁ ପରାଜିତ କରିବାକୁ ହେଲେ ଜାତିଗତ କାର୍ଡ ଖେଳିବା ବ୍ୟତିତ ଅନ୍ୟ ପନ୍ଥା ନାହିଁ ବୋଲି ନୀତିଶ ଚିନ୍ତା କରୁଛନ୍ତି । ଏହି କାରଣରୁ ଲାଲୁ ପ୍ରସାଦ ଯାଦବ ଅନେକ ବର୍ଷ ହେବ ବିହାର ରାଜନୀତିରେ ସଫଳ ହୋଇ ଆସୁଥିଲେ । ଏବେ ବି ଆରଜେଡି ପଛୁଆ ବର୍ଗ, ଦଳିତ ଏବଂ ସଂଖ୍ୟାଲଘୁ ଭୋଟ ଆଧାରରେ ନିର୍ବାଚନ ଲଢୁଛି । ବିକାଶ, ସମାଜ ସଂସ୍କାର, ରାଜ୍ୟର ଆର୍ଥିକ ପ୍ରଗତି ସମ୍ପର୍କରେ ଆରଜେଡିର କିଛି ଧାରଣା ନାହିଁ । କେବଳ ଭୋଟ ବ୍ୟାଙ୍କ ରାଜନୀତିକୁ ଆଧାର କରି କ୍ଷମତା ଅକ୍ତିଆର କରିବା ଏହାର ଲକ୍ଷ୍ୟ । ଜେଡିୟୁ, କଂଗ୍ରେସ, ସମାଜବାଦୀ ପାର୍ଟୀ ମଧ୍ୟ ସମାନ ରାସ୍ତାରେ ଯାଉଛନ୍ତି । ୧୯୯୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରି ଅନ୍ୟ ପଛୁଆ ବର୍ଗ ବା ଓବିସିଙ୍କ ନିମନ୍ତେ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଭାରତୀୟ ରାଜନୀତିକୁ ବିଷାକ୍ତ କରି ଦେଇଥିଲେ । ଏହିଠାରୁ ହିଁ ଜାତୀୟ ରାଜନୀତିରେ ଜାତିକୁ ନେଇ ଭୋଟର ପ୍ରଭାବ ବଢ଼ିଗଲା । ଏହା ପୂର୍ବରୁ କଂଗ୍ରେସ ଅନେକ ବର୍ଷ ଧରି ଆଦିବାସୀ ଓ ହରିଜନଙ୍କୁ ସଂରକ୍ଷଣ ସୁବିଧା ଆଧାରରେ ଏହି ବର୍ଗର ଭୋଟ ହାତେଇ ଆସୁଥିଲା । ସଂରକ୍ଷଣ ବ୍ୟବସ୍ଥା ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ସମ୍ବିଧାନରେ ମୂଳରୁ ରହିଆସିଛି । ସମ୍ବିଧାନ ପ୍ରଣେତା ବି ଆର ଆମ୍ବେଦକର ସମ୍ଭବତଃ ଚିନ୍ତା କରିନଥିଲେ ଯେ, ସେ ଯେଉଁ ବିଷ ମଞ୍ଜି ବୁଣି ଯାଉଛନ୍ତି ତାହା ଭାରତୀୟ ସମାଜକୁ ଚିରଦିନ ପାଇଁ ଦୁର୍ବଳ ଏବଂ ରୋଗଗ୍ରସ୍ତ କରିଦେବ । ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ନିମନ୍ତେ ସେ ଯେଉଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ ତାହାର ଅବଧି କିଛି ବର୍ଷ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିପାରିବ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି । କାରଣ ସଂରକ୍ଷଣ ବ୍ୟବସ୍ଥା ଏକ ସଭ୍ୟ ସମାଜ ଲାଗି କଦାପି ଗ୍ରହଣୀୟ ନୁହେଁ । ଏହା ଯୋଗ୍ୟତା ପ୍ରତି ଉପହାସ ଏବଂ ଏକ ପ୍ରକାର ଦୁର୍ନୀତି । ତେବେ ସ୍ୱାଧୀନତା ବେଳକୁ ଭାରତରେ ଆଦିବାସୀ ଏବଂ ହରିଜନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଏପରି ଥିଲା ଯେ, ସେମାନଙ୍କୁ ବିନା ସଂରକ୍ଷଣରେ ଉପରକୁ ଉଠାଯାଇପାରିନଥାନ୍ତା । କିନ୍ତୁ ଏବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ, ସଂରକ୍ଷଣ ବ୍ୟବସ୍ଥା ଆଉ କେବେ ହଟିପାରିବ ନାହିଁ । କୌଣସି ସରକାରର ସତସାହସ ନାହିଁ ଯେ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା । ଏହାକୁ ହଠାତ ପ୍ରତ୍ୟାହାର କରାଯାଇପାରିବନି । କିନ୍ତୁ ପର୍ଯ୍ୟାୟକ୍ରମେ ଏହାକୁ ହ୍ରାସ କରାଯାଇପାରିବ । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କିଛି ରାଜନୈତିକ ଦଳ ଏବଂ ସଙ୍ଗଠନ ସଂରକ୍ଷଣ ବ୍ୟବସ୍ଥା ପ୍ରତ୍ୟାହାର ପରିବର୍ତ୍ତେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ କରୁଛନ୍ତି । ବିହାରରେ ନୀତିଶ କୁମାର ଠିକ ଏହି ଲକ୍ଷ୍ୟରେ ଜାତିଗତ ଜନଗଣନା କରିଛନ୍ତି । ଦେଶ ପଛେ ଚୁଲିକି ଯାଉ, ଜାତି ଭିତ୍ତିରେ ସମାଜ ବିଭାଜିତ ହେଉ କିନ୍ତୁ ମୋର କ୍ଷମତା ଆବଶ୍ୟକ । ଏଥିପାଇଁ ନୀତିଶ କୁମାର ଆଜି ଜାତିଭିତ୍ତିକ ଜନଗଣନା କରି ଦେଶକୁ ଏକ ଭୟଙ୍କର ବିପଦକୁ ଠେଲି ଦେବା ପ୍ରୟାସ କରିଛନ୍ତି । ଏହାକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ସେମାନେ ଜାତି ଭିତ୍ତିରେ ଦେଶକୁ ବିଭାଜିତ କରିବା ନିମନ୍ତେ ପ୍ରୟାସ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବକ୍ତବ୍ୟ ସଠିକ ଏବଂ ଯଥାର୍ଥ । ସ୍ୱାଧୀନତାର ୭୫ ବର୍ଷ ପରେ ଜାତି ଭିତ୍ତିକ ଜନଗଣନା କରିବାର କ'ଣ ଉଦ୍ଦେଶ୍ୟ ? ଭାରତର ପ୍ରତ୍ୟେକ ନାଗରିକଙ୍କ ଏକମାତ୍ର ପରିଚୟ ହେଲା ସେମାନେ ଭାରତୀୟ ।

## ଶିକ୍ଷା : ସମସ୍ତଙ୍କ ପାଇଁ ଓ ସମାଜ ପାଇଁ

**" ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ । ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ । ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି । ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି । ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି । ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି ।**

॥ ଶ୍ୟାମ ସୁନ୍ଦର ସାମଲ ॥

ଆନ୍ତର୍ଜାତିକ ସାକ୍ଷରତା ଦିବସ ସମଗ୍ର ବିଶ୍ୱରେ ପାଳିତ ହୋଇଛି । ଓଡ଼ିଶା ସର୍ବୋପରି କଟକରେ ମଧ ଅନେକ ଅନୁଷ୍ଠାନରେ ଏହି ଦିବସ ବେଶ ଧୁମଧାମରେ ପାଳିତ ହୋଇଛି । ବାସ୍ତବରେ ଶିକ୍ଷା କ'ଣ ? ସର୍ବୋପରି ଦୈନନ୍ଦିନ ଜୀବନରେ ଶିକ୍ଷାର ଆବଶ୍ୟକତା କ'ଣ ଅଛି ? ଏହା ତ ସାଧାରଣ କଥା ଶିକ୍ଷା ବିନା ଜଣେ ମଣିଷ ମୂର୍ଖ ନିଶ୍ଚୟ । ସେଥିପାଇଁ ଆମେ ପ୍ରାୟତଃ କଥାରେ କଥାରେ କହୁ ତୁ ମୂର୍ଖଟା କିରେ ? ସରକାରଙ୍କ ଶିକ୍ଷାକୁ ନେଇ ବଡ଼ ସ୍ଲୋଗାନ ହେଉଛି 'ପିଲାଏ ପଢ଼ିବେ, ପିଲାଏ ଗଢ଼ିବେ'ର ଆନ୍ତରିକ ଅର୍ଥ ହେଉଛି ଗଢ଼ା ହେବେ । ତେବେ ଆଇନର ଏକ ସଚରାଚର ବାକ୍ୟ ଯେପରି ରହିଛି ଆଇନ ତା ବାଟରେ ଯିବ ଠିକ ସେହିପରି କୁହାଯାଏ ଶିକ୍ଷା ମଧ ତା ବାଟରେ ଯାଏ । ଶିକ୍ଷାର ବାଟ ଦେଖାଇଥାନ୍ତି ପୂଜ୍ୟ ଗୁରୁଦେବମାନେ । ପ୍ରତ୍ୟେକ ବ୍ୟକ୍ତିର ଜୀବନ ଓ ଆଦର୍ଶ ଗଢ଼ା ହେବାରେ ଗୁରୁ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ କେତେକ କ୍ଷେତ୍ରରେ ଦେଖାଯାଉଛି ଗୁରୁ ଓ ଶିକ୍ଷାୟତନ ସର୍ବୋପରି ଅଭିଭାବକମାନେ ଶିକ୍ଷାକୁ ଯେଉଁପର ରାସ୍ତାରେ ନେଉଛନ୍ତି ତାହା ସାଧାରଣ ବୁଦ୍ଧିଜୀବୀମାନଙ୍କୁ ବଡ଼ ଅଶ୍ୱସ୍ତିକର ଭିତରକୁ ଠେଲି ଦେଇଛି । ଶିକ୍ଷକମାନେ ଆମ ପାଇଁ ଗୁରୁ କିନ୍ତୁ ଶିକ୍ଷକମାନେ ସେମାନଙ୍କ ଅଧିକାର ଓ ଦାବୀ ପାଇଁ ରାସ୍ତାକଡ଼ରେ ସରକାରଙ୍କ ଠାରୁ ନ୍ୟାୟ ମାଗୁଛନ୍ତି । ତେବେ କିଛି ଦିନ ତଳେ କଟକ କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ସାଧାରଣରେ ଦେଖାଗଲା ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି । ପିଲାମାନଙ୍କୁ ଓ ପରିଚାଳନା କମିଟିକୁ ବିଦ୍ୟାଳୟକୁ ପ୍ରବେଶ ନକରାଇ ଏକ ପ୍ରକାର ହଲାବୋଲ ଆରମ୍ଭ କରିଦେଲେ । କିନ୍ତୁ ଏହା ଭିତର ଘଟଣା କ'ଣ ? ସତ୍ୟତା କ'ଣ ? କେହି ଜାଣିବାର ସୁଯୋଗ ପାଇପାରିଲେ ନାହିଁ । ଯେଉଁମାନେ ସାଧାରଣତଃ ସେହି ରାସ୍ତା ଦେଇ ଯାଉଥାନ୍ତି । ବିଦ୍ୟାଳୟର ଭିତ୍ତିଭୂମି ଅଛି, ପ୍ରତିଷ୍ଠା ଅଛି, ସୁନାମ ଅଛି, କୃତୀତ୍ୱର ସହ ପିଲାମାନେ ବିଦ୍ୟାଳୟର ସୁନାମ ମଧ ବଢ଼ାଉଛନ୍ତି । ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ରାସ୍ତାକଡ଼ରେ କାହିଁକି ବସିଲେ ଏହା ଏକ ବିରାଟ ବଡ଼ କଥା । ଏହି ଲେଖକ ଶିକ୍ଷକ ସମାଜକୁ ନିନ୍ଦିତ କରୁନାହିଁ କି ପରିଚାଳନା କମିଟିର ଦୋଷ ଦେବା ପାଇଁ ଏହି ଲେଖାର ଉଦ୍ଦେଶ୍ୟ ନୁହେଁ । ଅଭିଭାବକମାନେ ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡ଼ି ଦେବା ପରେ ସେମାନେ ଭାବନ୍ତି ଆମେ ଏପରି ଏକ ମେସିନ ଭିତରକୁ ପିଲାମାନଙ୍କୁ ଠେଲି ଦେଇଛୁ କିଛି ଅର୍ଥର ବିନିମୟରେ ପିଲାମାନେ ସିଧା ସଳଖ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ଅଫିସର ହୋଇ ମେସିନର ଅପର ବାଟେ ବାହାରି ପଡ଼ିବେ ।

ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ । ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ । ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି । ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି । ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି । ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି । କେବଳ ରାଜସ୍ଥାନର କୋଟାରେ ନୁହେଁ ଓଡ଼ିଶାରେ ମଧ ଏହା ଘଟୁଛି । କଟକରେ ବି ଏପରି ଅନେକ ନଜିର ରହିଛି । ଅନେକ ଜାଣି ନଥାନ୍ତି ସମ୍ଭବତଃ କିଛି ବାପା ମାଆନେ ପିଲାମାନଙ୍କୁ ଅର୍ଥ ନଦେଇ ପାରି ସେମାନେ ଜୀବନ ହାରନ୍ତି । ଏ ଖବର ବଡ଼ ଭାବେ ପ୍ରକାଶ ହୁଏନି । କେଉଁଠି ଦେଖାଯାଇଛି କି କୋଚିଂ ସେଣ୍ଟରର ମାଲିକମାନେ ପିଲାଙ୍କ ଅସଫଳ ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି । ଏହାର ଉତ୍ତର ଆଦୌ ନୁହେଁ । ଶିକ୍ଷାକୁ ଏକ ପ୍ରକାର ବ୍ୟବସାୟ କରିଦିଆଗଲାଣି । ଅନେକ ଶିକ୍ଷକମାନେ ଶିକ୍ଷା ଛାଡ଼ି ବେପାର ଓ ରାଜନୀତିକୁ ନିଜ ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କଲେଣି । ଦସ୍ତଖତ ମାରିଲେ ଦରମା ଗଣ୍ଡା ମାସ ଶେଷରେ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ ହେଲା । କେତେକ ଶିକ୍ଷା ପ୍ରତିଷ୍ଠାନରେ ଦେଖାଯାଏ ବିଶୃଙ୍ଖଳାର ବଡ଼ କାରଣ ଥାନ୍ତି ଏହି ଶିକ୍ଷକ ସମାଜ । ସେମାନଙ୍କ ନ୍ୟସ୍ତ ସ୍ୱାର୍ଥ ପୂରଣ ନହେଲେ ମ୍ୟାନେଜମେଣ୍ଟ ବେକରେ ଦଉଡା ପକାଇ ବିଦ୍ୟାଳୟରେ ତାଲା ପକାଇ ଦିଅନ୍ତି । ଶିକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଗଣମାଧ୍ୟମରେ ଏହା ପ୍ରମୁଖ ଖବର ପାଲଟି ଯାଏ । କିନ୍ତୁ ମ୍ୟାନେଜମେଣ୍ଟର ମୁଣ୍ଡ କିପରି ବିନ୍ଧିଥାଏ ତାହା କେବେ କେହି ଭାବନ୍ତି ନାହିଁ । ଶିକ୍ଷା ବ୍ୟବସ୍ଥାରେ କେହି ବୁଝନ୍ତିନି ଯେ ଯେଉଁ ବିଦ୍ୟାଳୟରେ ପ୍ରଭୂତ ସଂଖ୍ୟାରେ ପିଲାମାନେ ପଢ଼ନ୍ତି ଯାହାଫଳରେ ସେମାନଙ୍କର ଆଦାୟ ଫିସ ଶିକ୍ଷକ ମାନଙ୍କୁ ହିଁ ପ୍ରଦାନ କରାଯାଇଥାଏ । ଯଦି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଯାଏ ତାହାହେଲେ ମ୍ୟାନେଜମେଣ୍ଟ ନିୟମିତ ଦରମା ଠାରୁ ବର୍ଦ୍ଧିତ ଦରମା ଦେବା କେତେ ଯେ କାଠିକର ପାଠ ତାହା କେହି ବୁଝିପାରନ୍ତିନି । ଜଣେ ଶିକ୍ଷକ ଭାଇର ସ୍ୱାର୍ଥରେ ବାଧା ହେଲେ ଯେପରି ଅନ୍ୟ ଶିକ୍ଷକମାନେ ମେଳି ହୋଇଯାଉଛନ୍ତି ସେମାନେ ଚିନ୍ତା କରୁନାହାଁନ୍ତି ଯେ ପିଲାଙ୍କ ସଂଖ୍ୟା ଯଦି କହି ଯାଇଥାନ୍ତି ତାହାଲେ ଆମ୍ଭମାନଙ୍କ ଭିତରୁ କିଛିକୁ ମନୋନୀତ କରି ଅନ୍ୟତ୍ର କର୍ମ ସଂସ୍ଥାନ ଦେଖିବା । ନାଁ, ବ୍ୟକ୍ତି ସ୍ୱାର୍ଥ ବା ବଡ଼ । ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅମଡ଼ା ବାଟରେ ଯାଉଛନ୍ତି ତାଙ୍କୁ ବିଦ୍ୟାଳୟର ବାହାର ବାଟ ଅନୁଶାସନର ନିୟମରେ ମ୍ୟାନେଜମେଣ୍ଟ ତୁରନ୍ତ ରାସ୍ତା ଦେଖାଇ ଦେଉ କାରଣ ଏହା ହେଉଛି ଅନୁଶାସନର କଥା । ଶିକ୍ଷକମାନେ ନୀତିନିଷ୍ଠ ହୁଅନ୍ତୁ ସେମାନେ ଭୁଲି ଯାଆନ୍ତୁ ନାହିଁ ସେମାନେ ମହର୍ଷି ବ୍ୟାସଦେବଙ୍କ ମାର୍ଗ ନିର୍ଦ୍ଦେଶିତ ଜଣେ ଜଣେ ଗୁରୁ । ସେମାନେ ଏ ସମାଜରେ ଭଗବାନଙ୍କ ମର୍ଯ୍ୟାଦା ପାଇଥାନ୍ତି । କିନ୍ତୁ ସେମାନେ ଯେତେବେଳେ ଠକାମୀ କରନ୍ତି ସ୍କୁଲ ପାଠ ଛାଡ଼ି ଟ୍ୟୁସନରେ ବେଶି ମନ ଦିଅନ୍ତି, ନିଶାଗ୍ରସ୍ତ ହୁଅନ୍ତି, ଲମ୍ପଟ-କାମୁକ ହୁଅନ୍ତି ଏହାର ପ୍ରଭାବ କେଉଁପରି ଭାବରେ ସମାଜ ଉପରେ ପଡ଼ିବ କେବେ ଚିନ୍ତା କରିଛନ୍ତି । ଏହି ଲେଖକ ଏକ ସୁଉଜ୍ଜ୍ୱଳ ଶିକ୍ଷା ବୁନିୟାଦି ଥିବା ପରିବାରରୁ ଆସିଛି । ଯାହାଙ୍କର ଜଣେ ଅଗ୍ରଜ ଭଦ୍ରକ ଜିଲ୍ଲାରେ ଜଣେ ସୁନାମଧନ୍ୟ ମହାନ ଶିକ୍ଷା ବ୍ୟକ୍ତିତ୍ୱ ଭାବେ ପୂଜିତ । ତେଣୁ ଆମେ ସମୁଦାୟ ଶିକ୍ଷକ ସମାଜକୁ ନିନ୍ଦିତ କରୁନୁ । କାରଣ କିଛି ଶିକ୍ଷକଙ୍କ ପାଇଁ ଏହି ଯୁଗରେ ଶିକ୍ଷାର ଧର୍ମ ଡଙ୍ଗା ଚାଲିଛି । ଆଜିକାଲି ଛତୁ ଫୁଟିବା ପରି ଶିକ୍ଷା ଅନୁଷ୍ଠାନ ଗଢ଼ିଉଠୁଛି, ସେ ତୁଳନାରେ ନୈତିକ ଶିକ୍ଷା କିନ୍ତୁ ବଢୁନି । ମଣିଷ ପଣିଆ ହ୍ରାସ ପାଉଛି । ସ୍ୱାର୍ଥ, ବ୍ୟବସାୟ, ଚାଟୁକାର, ପରଶ୍ରୀକାତରତା, ଈର୍ଷାପରାୟଣତା ଏହି ନିନ୍ଦିତ ଗୁଣ ଗୁଡ଼ିକୁ କିଛି ଶିକ୍ଷକମାନେ ନିଜର ଭୂଷଣ କରୁଛନ୍ତି । ଶିକ୍ଷାୟତନର ତଥାକଥିତ ମାମଲତକାରମାନେ କେବଳ ନିୟମିତ ଓ ନିର୍ଦ୍ଧାରିତ ସ୍କୁଲ ମିଟିଂ ଭିତରେ ନିଜ ଦାୟିତ୍ୱ ସାରନ୍ତୁନାହିଁ । ସେମାନେ ଭୁଲ ଯାଆନ୍ତୁ ନାହିଁ ସେ ଅନୁଷ୍ଠାନକୁ ସେମାନେ ଏକ ଛୋଟ ପିଲାପରି ଆଙ୍ଗୁଳି ଧରି ବାଟ କଢ଼ାଇବାର କଥା । ନିୟମିତ ସମୟ ଦେବା କଥା, ଛାତ୍ରଛାତ୍ରୀ - ଶିକ୍ଷକ ଶିକ୍ଷୟିତ୍ରୀ - ଅଭିଭାବକ ଏହି ତ୍ରିଭୁଜ ସହ ସେମାନଙ୍କର ସ୍ୱାଭାବିକ ଓ ନିୟମିତ ସମ୍ପର୍କ ରହିବା କଥା । ନିଜ ସ୍ୱାର୍ଥପାଇଁ ବିଦ୍ୟାଳୟରେ ତାଲା ପକାଇ ପିଲାମାନଙ୍କର ପାଠପଢ଼ାର କ୍ଷତି ସହ ସେହି ବିଦ୍ୟାଳୟର ଯେଉଁ ସୁନାମ ଦାଣ୍ଡରେ ପଡ଼ିଲା ତାହା କ'ଣ ଆଉ ଫେରି ଆସିପାରିବ । କିଛି ଦରମା ବଢ଼ିପାରେ, କିଏ ପ୍ରମୋସନ ବି ପାଇପାରେ କିନ୍ତୁ ଯେଉଁ ଶିକ୍ଷାୟତନର ଦାନା ପାଣିରେ ଆମ ପରିବାର ଚଳୁଛି ଆମେ ସୁନାମ ପାଉଛୁ ତାକୁ କ'ଣ ଆମେ ଫେରାଇ ଦେଇପାରିବା । ଏହାକୁ ଟିକେ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରନ୍ତୁ । ଏ ଆହ୍ୱାନ କେବଳ ପ୍ରଶାସନ ଓ ଶିକ୍ଷାବିତଙ୍କ ଉପରେ ଛାଡ଼ି ଦିଅନ୍ତୁ ନାହିଁ । ଏ ଗୁରୁ ଦାୟିତ୍ୱ ପ୍ରତିଷ୍ଠାନର ସଂସ୍ଥାପକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କର । ଅଭିଭାବକମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟର ଦରମା ଦିଅନ୍ତୁ, ଶିକ୍ଷକ ଶିକ୍ଷୟିତ୍ରୀମାନେ ପୋଷକ ପରିପାଟୀ ସୁଉନ୍ନତ ହୁଅନ୍ତୁ । ନିଜର ଆଚରଣ ପ୍ରଦର୍ଶନ ବେଳେ ଭାବନ୍ତୁ ଆମେ ଜଣେ ଗୁରୁ । ପିଲାମାନେ କେବଳ ପାଠରେ ହିଁ ମନୋନିବେଶ କରନ୍ତୁ । ଏହିପରି ସବୁ କିଛି ଛୋଟିଆ ଜିନିଷ ବୁଝିଗଲେ ଶିକ୍ଷାକୁ ନେଇ ଆଉ ଝିନ୍‌ଝଟ ରହିବ ନାହିଁ । ପିଲାମାନେ ଯଥାର୍ଥରେ ଭଗବାନ ଶ୍ରୀସତ୍ୟସାଇଙ୍କ ମାନବୀୟ ମୂଲ୍ୟବୋଧ ଶିକ୍ଷାକୁ ଗ୍ରହଣ କରି ନିଜ ଶ୍ରେଷ୍ଠ ଚରିତ୍ର ଗଠନ କରିପାରିବେ, ପରିବାରର ବାପା-ମାଆଙ୍କର ସୁନାମ ବଢ଼ାଇବେ, ସମାଜର, ଦେଶର ଓ ପାଠପଢ଼ିଥିବା ସେମାନଙ୍କର ବିଦ୍ୟାଳୟର ଯେଉଁ ସୁନାମକୁ ଆଗକୁ ନେବେ ତାକୁ ପର ପିଢ଼ି ନିଶ୍ଚିନ୍ତ ଦୃଷ୍ଟିରେ ରଖି ନିଜକୁ ତିଆରି କରିବେ ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## ଆତ୍ମହତ୍ୟା : ଦିନକୁ ଯାଉଛି ୧୨ ଜୀବନ

॥ ଡାକ୍ତର ସମ୍ରାଟ କର ॥

ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ । ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି । ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି । ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା । ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି । ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା ।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି । ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି । ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୧୯ରେ ମୋଟ ୧,୩୯,୧୨୩ ଲୋକ ଆତ୍ମହତ୍ୟା କରିଛନ୍ତି ଅର୍ଥାତ୍ ଦେଶରେ ପ୍ରତି ଚାରିମିନିଟରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି । ଓଡ଼ିଶାରେ ଏହି ସଂଖ୍ୟା ୪୫୮୨ । ୨୦୧୯ରେ ଦୈନିକ ହାରାହାରି ବାରଜଣ ଆତ୍ମହତ୍ୟା କରୁଛନ୍ତି । ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା ହାର ଅଧିକ । ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି । ମୋଟ ଆତ୍ମହତ୍ୟା ଘଟଣା ମଧ୍ୟରୁ ୬୦.୭ ହେଉଛି ପାରିବାରିକ କାରଣ । ୭୬.୪ ପ୍ରତିଶତ ସହ ଉତ୍ତରାଖଣ୍ଡ ରହିଛି ଦେଶର ତାଲିକା ଟପରେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନ୍ତର୍ଗତ କାର୍ଯ୍ୟ କରୁଥିବା ଏନ୍‌ସିଆରବିର ତଥ୍ୟ ଅନୁସାରେ ୨୦୧୯ରେ ସହରାଞ୍ଚଳରେ ଆତ୍ମହତ୍ୟା ହାର ୧୩.୯ ପ୍ରତିଶତ ରହିଥିଲାବେଳେ ଦେଶରେ ଏହି ହାର ୧୦.୪ ପ୍ରତିଶତ ରହିଛି । ଏହି ବର୍ଷରେ ୫୩.୬ ପ୍ରତିଶତ ଲୋକ ଦଉଡି ଦେଇ ଆତ୍ମହତ୍ୟା କରିଥିଲାବେଳେ ୨୫.୮ ପ୍ରତିଶତ ଲୋକ ବିଷଖାଇ, ୫.୨ ପ୍ରତିଶତ ପାଣିରେ ବୁଡ଼ି ଏବଂ ୩.୮ ପ୍ରତିଶତ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି ।

ଦେଶର ମୋଟ ଆତ୍ମହତ୍ୟା ମଧ୍ୟରୁ ୩୨.୪ ପ୍ରତିଶତ ମାମଲା ପାରିବାରିକ ସମସ୍ୟା ପାଇଁ ହୋଇଥିଲାବେଳେ ୧୭.୧ ପ୍ରତିଶତ ମାମଲା ଜଟିଳ ରୋଗ କାରଣରୁ, ୫.୫ ପ୍ରତିଶତ ବୈବାହିକ ସମସ୍ୟା କାରଣରୁ ହୋଇଛି । ୨୦୧୮ ତୁଳନାରେ ୨୦୧୯ରେ ଆତ୍ମହତ୍ୟା ମାମଲାରେ ୩.୪ ପ୍ରତିଶତ ବୃଦ୍ଧି ଘଟିଛି । ପ୍ରତି ୧୦୦ ମାମଲାରୁ ୨୯.୮ ପ୍ରତିଶତ ମହିଳା ଏବଂ ୭୦.୨ ପ୍ରତିଶତ ପୁରୁଷ ଆତ୍ମହତ୍ୟା କରୁଛନ୍ତି । ଆତ୍ମହତ୍ୟାର ସର୍ବାଧିକ ମାମଲା ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି । ଏଠାରେ ୨୦୧୯ରେ ୧୮,୯୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ତାମିଲନାଡୁ (୧୩,୪୯୩), ପଶ୍ଚିମବଙ୍ଗ (୧୨,୬୬୫), ମଧ୍ୟପ୍ରଦେଶ (୧୨,୪୫୭), କର୍ଣ୍ଣାଟକ (୧୧,୨୮୮) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ଅଛନ୍ତି । ୨୦୧୭ରେ ଓଡ଼ିଶାରେ ଆତ୍ମହତ୍ୟା ମାମଲା ୪୪୯୩ ଥିଲାବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୪୫୮୨ରେ ରହିଛି । ଏଥିରୁ ୨୫୯୬ଜଣ ପୁରୁଷ ଥିଲାବେଳେ ୧୯୮୬ଜଣ ହେଉଛନ୍ତି ମହିଳା । ବିଭିନ୍ନ କାରଣରୁ ଲୋକେ ଆତ୍ମହତ୍ୟା ଭଳି ଘୃଣ୍ୟ ନିଷ୍ପତ୍ତି ନେଇଥାଆନ୍ତି । ଆଉ ଓଡ଼ିଶାରେ ଆତ୍ମହତ୍ୟା କରିବାର ସବୁଠୁ ବଡ଼କାରଣ ପାଲଟିଛି ପାରିବାରିକ ସମସ୍ୟା । ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା କରୁଥିବାର ସର୍ବାଧିକ ହାର ଉତ୍ତରାଖଣ୍ଡରେ ରହିଛି । ଉତ୍ତରାଖଣ୍ଡ ୨୦୧୯ରେ ୫୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ୩୯୪ ଜଣ ଅର୍ଥାତ୍ ୭୬.୪ ପ୍ରତିଶତ ମାମଲା ପାରିବାରିକ ବିବାହ କାରଣରୁ ଘଟିଛି । ଦ୍ୱିତୀୟରେ ରହିଛି ଓଡ଼ିଶା । ଏଠାରେ ମୋଟ ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି । ତୃତୀୟରେ ତ୍ରିପୁରା (୫୫.୪%) ଏବଂ ଚତୁର୍ଥରେ ରହିଛି ତାମିଲନାଡୁ (୬୮୪୩-୫୦.୭%) । ୨୦୧୯ ବର୍ଷରେ ଓଡ଼ିଶାରେ ୫୫୮ ଜଣ ଅବିବାହିତ ଯୁବକ, ୬୧୭ ଜଣ ଅବିବାହିତ ଯୁବତୀ ଆତ୍ମହତ୍ୟା କରିଥିଲେ । ମୋଟ ଆତ୍ମହତ୍ୟା ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୫୯୬ ଏବଂ ମହିଳାଙ୍କ ସଂଖ୍ୟା ୧୯୮୬ ରହିଛି । ତେବେ ଚିନ୍ତାର ବିଷୟ ହେଉଛି ଯେ ପାରିବାରିକ ସମସ୍ୟା ରାଜ୍ୟରେ ବଢ଼ିବା । ତଥ୍ୟ ସୂଚାଉଛି ରାଜ୍ୟରେ ମୋଟ ଆତ୍ମହତ୍ୟାରୁ ଅଧାରୁ ଅଧିକ ହେଉଛି ଏହି କାରଣ । ବିବାହିତ ଦମ୍ପତି ପାରିବାରିକ ସମସ୍ୟାରେ ଏତେ ଛନ୍ଦି ହୋଇପଡୁଛନ୍ତି ଯେ ବାଧ୍ୟରେ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇବାକୁ ବାଧ ହେଉଛନ୍ତି ।

ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ । ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ । ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ । ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ । ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ । ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ-୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି । ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି । ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି । ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ । ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ । ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ପୁଣି ବିବାଦରେ ଆଦାନୀ ଗ୍ରୁପ୍

॥ ଗୋପାଳ ମହାପାତ୍ର ॥

ହିଣ୍ଡେନବର୍ଗର ରିସର୍ଚ୍ଚ ରିପୋର୍ଟ ପରେ ଏବେ ଅର୍ଗାନାଇଜଡ କ୍ରାଇମ୍ ଆଣ୍ଡ କରପସନ ରିପୋଟିଙ୍ଗ୍ ପ୍ରୋଜେକ୍ଟ ଆଦାନୀ ଗ୍ରୁପ୍ ବାବଦରେ ଏକ ରିପୋର୍ଟ ପ୍ରକାଶ କରିଛି । ରିପୋର୍ଟରେ କୁହାଯାଇଛି ଯେ ଆଦାନୀ ଗ୍ରୁପ୍‌ର ମାଲିକ ଲୁଚା ଛପାରେ ଲକ୍ଷ ଲକ୍ଷ ଡଲାରର ପୁଞ୍ଜି ନିବେଶ ନିଜର କମ୍ପାନୀରେ କରିଛନ୍ତି । ଅର୍ଥାତ୍ ନିଜ କମ୍ପାନୀର ଲକ୍ଷ ଲକ୍ଷ ଡଲାର୍ ର ଅଂଶ ଧନକୁ ବେଆଇନ୍ ଭାବେ ନିଜେ ହିଁ କିଣିଛନ୍ତି । ଏଥିରେ ବ୍ୟାପକ ଦୁର୍ନୀତି କରିଛନ୍ତି । ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପ୍ ପକ୍ଷରୁ ଅଭିଯୋଗର ଖଣ୍ଡନ କରାଯାଇଛି କିନ୍ତୁ ରିପୋର୍ଟରେ ଯେଉଁ ସବୁ ତଥ୍ୟ ପ୍ରମାଣ ଦିଆଯାଇଛି ସେଥିରୁ ସ୍ପଷ୍ଟ ଯେ ଆଗାମୀ ଦିନରେ ଏହା ଆଦାନୀ ଗ୍ରୁପ୍ ପାଇଁ ଅନେକ ଅସୁବିଧା ସୃଷ୍ଟି କରିବ । ଆଦାନୀ ଗ୍ରୁପ୍ ବିରୋଧରେ ଏ ଯେଉଁ ରିପୋର୍ଟ ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ୍ କରପସନ ରିପୋଟିଙ୍ଗ୍ ପ୍ରୋଜେକ୍ଟ ଦ୍ୱାର ଜାରି କରାଯାଇଛି ତାକୁ ନେଇ ବିରୋଧି ଦଳ ମାନେ ସରକାରଙ୍କୁ ଘେରିଛନ୍ତି । ଅନ୍ୟ ପକ୍ଷରେ ପ୍ରକାଶିତ ରିପୋର୍ଟ ସତ୍ୟତା ଉପରେ ପର୍ଯ୍ୟବେସିତ ଓ ଅନେକ ପରିଶ୍ରମ କରାଯାଇ ତଥ୍ୟ ଯୋଗାଡ ପରେ ରିପୋର୍ଟ ପ୍ରକାଶ କରାଯାଇଛି ବୋଲି କହିଛି ସଂପୃକ୍ତ ସଂସ୍ଥା । ବିଶ୍ୱର ଦୁଇଟି ପ୍ରମୁଖ ସମ୍ବାଦ ପତ୍ରରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି । ବିଶ୍ୱର ଦୁଇଟି ପ୍ରମୁଖ ସମ୍ବାଦ ପତ୍ର ହେଉଛି ଦି ଗାର୍ଡିଆନ ଏବଂ ଦି ଫାଇନାନ୍‌ସିଆଲ୍ ଟାଇମ୍ସ ଏ ଦୁଇ ସମ୍ବାଦପତ୍ରକୁ ବିଶ୍ୱର ଆର୍ଥିକ ଜଗତ ଅଧିକ ଗୁରୁତ୍ୱ ଦେଇଥାନ୍ତି । ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ କମ୍ପାନୀର ୧୦ଟି କମ୍ପାନୀ ମଧ୍ୟରୁ ୯ଟି କମ୍ପାନୀର ଅଂଶ ଧନର ମୂଲ୍ୟ ୨ରୁ ଅଢେଇ ପ୍ରତିଶତ ହ୍ରାସ ପାଇଥିବା ଜଣାପଡିଛି ।

ଅର୍ଗାନାଇଜଡ କ୍ରାଇମ୍ ଆଣ୍ଡ କରପସନ୍ ପକ୍ଷରୁ ରିପୋର୍ଟ ପ୍ରକାଶିତ ହେବାପରେ ଭାରତ ସମେତ ସାରା ବିଶ୍ୱରେ ଆଦାନୀ ଗ୍ରୁପ୍‌କୁ ନେଇ କିମ୍ଭୁତ କିମ୍ଭାକାର ସ୍ଥିତି ସୃଷ୍ଟି ହୋଇଛି । କିନ୍ତୁ ଭାରତର ପ୍ରମୁଖ ଗଣମାଧ୍ୟମ ମାନେ ଏ ପ୍ରସଙ୍ଗକୁ ନେଇ ଚୁପ୍ ରହିଛନ୍ତି । ସାମାଜିକ ଗଣମାଧ୍ୟମ ଓ ୟୁଟ୍ୟୁବରେ ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରସାରିତ ହେଉଛି । ରିପୋର୍ଟରେ ଟିକସ ଚୋରୀକୁ ପ୍ରୋତ୍ସାହିତ କରୁଥିବା ଦେଶର ଅନେକ କମ୍ପାନୀ ସମ୍ପର୍କୀତ ତଥ୍ୟ ପ୍ରଦାନ କରାଯାଇଛି । ଏପରିକି ଆଦାନୀ ଗ୍ରୁପ୍‌ର ନେଣ ଦେଣ ପ୍ରସଙ୍ଗ ସମେତ ଆଦାନୀ ଗ୍ରୁପ୍‌ର ଇମେଲକୁ ଭିତ୍ତି କରି ରିପୋର୍ଟ କରାଯାଇଥିବା କଥା ରିପୋର୍ଟରେ ଉଲ୍ଲେଖ ରହିଛି । ରିପୋର୍ଟରେ ରହସ୍ୟମୟ ନିବେଶକ ଏବଂ ବେନାମୀ କମ୍ପାନୀମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି । କେମିତି ଭୁଲ ତଥ୍ୟ ପ୍ରଦାନ କରାଯାଇ ଅଂଶଧନ କ୍ରୟ ବିକ୍ରୟ କରାଯାଇଛି ସେ ବାବଦରେ ରିପୋର୍ଟରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି । କେମିତି ଭାରତରୁ କଳାଧନ ବିଦେଶକୁ ପଠାଯାଇଥିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଟଙ୍କା ଭାରତକୁ ଫେରି ଶେୟାର ବଜାରରେ ନିବେଶ କରାଯାଇଥିଲା ସେ ବାବଦରେ ବିସ୍ତୃତ ବିବରଣୀ ରିପୋର୍ଟରେ ରହିଛି ।

ରିପୋର୍ଟ ପ୍ରକାଶ କରିଥିବା ସଂସ୍ଥା ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପସନ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଆଦାନୀ ପରିବାର ସହ ନାସିର ଅଲ୍ଲି ଏବଂ ଚେଙ୍ଗ ଚୁଙ୍ଗଙ୍କର ସମ୍ପର୍କ ଦୀର୍ଘ ଦିନରୁ ରହିଥିଲା । ଏମାନେ ଆଦାନୀ ଗ୍ରୁପ୍‌ରେ ନିବେଶ କରିଥିଲେ । ଗୌତମ ଆଦାନୀଙ୍କ ଭାଇ ବିନୋଦ ଆଦାନୀଙ୍କ ସହ ନାସିର ଅଲ୍ଲି ଓ ଚେଙ୍ଗ ଚୁଙ୍ଗଙ୍କର ଘନିଷ୍ଠତା ଥିଲା ଏବଂ ବିନୋଦଙ୍କ କମ୍ପାନୀର ଏ ଦୁହେଁ ହେଉଛନ୍ତି ଅଂଶୀଦାର । ବିନୋଦଙ୍କ ପରାମର୍ଶ କ୍ରମେ ଏ ଦୁହେଁ ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ନିବେଶ କରିଥିଲେ । ସେବି ସୁପ୍ରମ୍‌କୋର୍ଟଙ୍କ ଆଦେଶ ପରେ ଆଦାନୀ ଗ୍ରୁପ୍ ବିରୋଧରେ ହିଡେନ୍‌ବର୍ଗ ରିପୋର୍ଟ ଉପରେ ତଦନ୍ତ କରିଥିଲା ଓ ରିପୋର୍ଟ ସୁପ୍ରିମ୍‌କୋର୍ଟଙ୍କୁ ଦେଇଥିଲା । କିନ୍ତୁ ଟିକସ ଚୋରୀକୁ ପ୍ରୋତ୍ସାହିତ କରୁଥିବା ଦେଶ ମାନଙ୍କରୁ ଆସୁଥିବା ପୁଞ୍ଜି ବାବଦରେ ତଦନ୍ତ କରାଯିବା କଥା ହେଲେ ସେବି ଏ ବାବଦରେ ଅସମର୍ଥତା ପ୍ରଦର୍ଶନ କରିଥିଲା । ସେବି ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କୁ କୁହାଯାଇଥିଲା ଯେ ସବୁ ତଥ୍ୟ ଏକତ୍ରିତ କରିବା ସେହି ପକ୍ଷରୁ ସମ୍ଭବ ନୁହେଁ । ହିଡେନ୍‌ବର୍ଗ ରିପୋର୍ଟ ପରେ ଏବେ ପ୍ରକାଶ ପାଇଥିବା ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପୋରେସନ ରିପୋର୍ଟ ଆଦାନୀ ଗ୍ରୁପ୍ ପାଇଁ ଅସୁବିଧା ସୃଷ୍ଟି କରିବ ନିଶ୍ଚୟ । ଆଦାନୀ ଗ୍ରୁପ୍ ଭାରତରେ କରାଯାଉଥିବା ତାଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ କିନ୍ତୁ ଆନ୍ତର୍ଜାତୀୟ ସ୍ତରରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରିବେ ନାହିଁ । ଆମେରିକା ଓ ଅନ୍ୟ ଦେଶ ମାନଙ୍କରେ ଏଭଳି ମାମଲାର ତଦନ୍ତ ସ୍ୱନନ୍ତ୍ର ସଂସ୍ଥା କରିଥାନ୍ତି । ସେସବୁ ଦେଶରେ ସରକାର ତଦନ୍ତ କାରୀ ସଂସ୍ଥା ଉପରେ ଚାପ ପ୍ରୟୋଗ କରନ୍ତିନି । ଆଦାନୀ ଗ୍ରୁପ୍‌ର ବ୍ୟବସାୟ ଏବଂ ନିବେଶ ବିଶ୍ୱର ଅନେକ ଦେଶରେ ରହିଥିବାବେଳେ ଅନେକ ଆନ୍ତର୍ଜାତୀୟ ସଂସ୍ଥାରୁ ଆଦାନୀ ଗ୍ରୁପ୍ ଋଣ ମଧ୍ୟ ଆଣିଛି । ଏଣୁ ତଦନ୍ତ ବେଳେ ଆଦାନୀ ଗ୍ରୁପ୍‌କୁ ସମସ୍ତ ତଥ୍ୟ ତଦନ୍ତକାରୀ ସଂସ୍ଥାକୁ ଦେବାକୁ ପଡିବ ।

କୁହାଯାଉଛି ଯେ ବିଗତ କିଛି ବର୍ଷ ମଧ୍ୟରେ ଆଦାନୀ ଗ୍ରୁପ୍ ଅନେକ ଆର୍ଥିକ ଅନିୟମିତତା କରିଛି । ଆନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ କରାଯାଇଥିବା ବେଆଇନ କାର୍ଯ୍ୟ ଏବେ ଆଦାନୀ ଗ୍ରୁପ୍ ପାଇଁ କାଳ ପାଲଟିବାକୁ ଯାଉଛି । ଅନେକ ଆର୍ଥିକ ବିଶେଷଜ୍ଞଙ୍କ ମତରେ ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପୋରେସନ ସଂସ୍ଥାର ରିପୋର୍ଟ ପ୍ରକାଶ ପାଇବା ପରେ ପୁଞ୍ଜି ନିବେଶକ ତଥା ଅନେକ ବ୍ୟାଙ୍କ ଓ ଜୀବନ ବୀମା ନିଗମ ଭଳି ସଂସ୍ଥାମାନେ ପ୍ରଭାବିତ ହେବେ । ଭାରତୀୟ ଜୀବନ ବୀମା ନିଗମ ଓ ଅନେକ ବ୍ୟାଙ୍କ ଆଦାନୀ ଗ୍ରୁପ୍‌ରେ ବ୍ୟାପକ ଅର୍ଥ ନିବେଶ କରିଛନ୍ତି । ଯଦି ପ୍ରକାଶିତ ଏହି ରିପୋର୍ଟ ସତ୍ୟ ହୋଇଥାଏ ତେବେ ଭାରତର ଅର୍ଥ ବ୍ୟବସ୍ଥା ଏଥିପାଇଁ ପ୍ରଭାବିତ ହେବ ନିଶ୍ଚୟ ।



ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଯୁନିକ୍ ଇଲେଭେନ କ୍ଲବ୍ ସିକୋ ଚାମ୍ପିୟନ

ବେଗୁନିଆ(ମହାଭାରତ): ବେଗୁନିଆ ବ୍ଲକ ସିକୋସ୍ଥିତ ମା' ପୁର୍ଣ୍ଣବାସୀ ବାସୀ ପଲ୍ଲନ କ୍ଲବ ଆନୁକୂଲ୍ୟରେ ରଘୁନାଥ କ୍ରିକେଟ କେଟ ଖେଳପଡ଼ିଆରେ ଅନୁଷ୍ଠିତ ୫ମ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଛି ଫାଇନାଲ ମ୍ୟାଚ୍ ଯୁନିକ୍ ଇଲେଭେନ କ୍ଲବ ସିକୋ ଏବଂ ମା' ମଙ୍ଗଳା କ୍ଲବ ଉଜୁଡା ମଧ୍ୟରେ ହୋଇଥିଲା। ଯୁନିକ ଇଲେଭେନ ୬ ଓଭରରେ ୪ ଉଇକେଟ ବିନିମୟରେ ୪୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମା'ମଙ୍ଗଳା କ୍ଲବ ୪ ଉଇକେଟ ହରାଇ ୪୧ ରନ୍ ସଂଗ୍ରହକ ଗ୍ରହକରି ପରାଜିତ ହୋଇଥୁଲ ଫଳରେ ଯୁନିକ୍ ଇଲେଭେନ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଦୀପକ ବଳିୟାରସିଂହ ଏବଂ ବିଭୂତି ରଣସିଂହ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଆଭାବେ ସାମାଜିକ କର୍ମୀ ଅରବିନ୍ଦ ରାୟ ଏବଂ ସାଧୁ ଚରଣ ଚମ୍ପରି ଯୋଗଦେଇ ଚାମ୍ପିୟନ ଟିମ୍କୁ ୫ହଜାର ସହ କପ୍ ଏବଂ ରନର୍ସ ଅପ୍ ଟିମ୍କୁ କପ୍ ସହିତ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ମହମ୍ମଦ ଯସ୍ମିନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ କଭର ବଣ୍ଟି ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

## ପରିଚାଳିତ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

ଗଁଦିଆ,(ମହାଭାରତ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୂଳ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ ସୁରେଶ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଦ୍ୱାରନିତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପରାମର୍ଶ ଦାତା ଗୋଲକ ବିହାରୀ ପାଣିଗ୍ରାହୀ, ସମାଜ ସେବି ପ୍ରଦ୍ୟୁମ୍ନ କୁମାର ପଣ୍ଡା,କାର୍ଯ୍ୟାଳୟ ସମ୍ପାଦକ ଚକ୍ରଧର ପାଣିଗ୍ରାହୀ ପ୍ରଧାନ, ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି, ରୀତାଞ୍ଜଳି ବେହେରା ପ୍ରମୁଖ ମଂଚସୀନ କରିଥିଲେ । ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତମ ନାଗରିକ ହେଇ ଦେଶ ଓ ଜାତିର ନିର୍ମାଣରେ ବ୍ରତୀ ହେବାପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷକ ପ୍ରଭାତ ତରାଇ,ଶଶିଭୂଷଣ ଶତପଥି, ରମାକାନ୍ତ ପଲିତା, କୈଳାସ ଚନ୍ଦ୍ର ନାୟକ,ଗୁରୁମା ମିନତୀ ମିଶ୍ର,ବନଜା ବାଳ ରାଉତ, ପଲିଶ୍ରୀ ସୁଶ୍ରୀ ମମତା ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥଲେ କ୍ଷ ସର୍ବଶେଷରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପାରଳାଖେମଣ୍ଡି(ମହାଭାରତ)ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ କିରାମା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି କୀରାମ ଗ୍ରାମ ପଞ୍ଚାୟତ ସମେତ ପାରିମଳା, ଅନୁଙ୍ଗୁରୁ ଓ ସମ୍ବଲପୁର ପଞ୍ଚାୟତର ସମୁଦାୟ ମୋଟ- ୫୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲାୟ ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୨୩ ଗୋଟି,ଗ୍ରାମ ଭି□କ ସମସ୍ୟା- ୩୦ ଓ ୦୪ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି ଓ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକସହାୟତା ରାଶି ପ୍ରଦାନ କରାଯାଇଛି ।ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ନୂଆଗଡ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମାଳତୀ ପ୍ରଧାନ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲୋକନାଥ ଶବର ,ତହସିଲଦାର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ , ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପ□ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ୧୦ଟି ଅଭିଯୋଗ ଫଏସଲା



ଗଁଦିଆ (ମହାଭାରତ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହାଲପ୍ରସାଦ ଗ୍ରାମ ପଞ୍ଚାୟତ ଠାରେ ଆଜି ଗଁଦିଆ ବ୍ଲକସ୍ତରୀୟ ଜିଲ୍ଲା ପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ୧୦୯ଟି ଅଭିଯୋଗ ହୋଇଥିବା ବେଳେ ସେଥି ମଧ୍ୟରୁ ୧୦ଟି ଅଭିଯୋଗର ଫଏସଲା ହୋଇଥିଲା। ଅଭିଯୋଗ ହୋଇଥିବା ୧୦୯ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୧୦୧ଟି ମାମଲା, ଗାଁ ସମୁହ ଅଭିଯୋଗ ୪ଟି ଓ ୪ଟି ରେଡ୍ କ୍ରସ,ସହାୟତା ଓ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ମାମଲାରେ । ମୂଖ୍ୟ ମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଓ ରେଡ଼େ କ୍ରସ ରିଲିଫ ଫଣ୍ଡରୁ ୧୮ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷୀକ ଅଭିନ ସୋନକର ,ଜିଲ୍ଲା ପରିଷଦମୁଖ୍ୟଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜାନ ସେଠି, ଉପ ଜିଲ୍ଲାପାଳ ବିବୁଦ୍ଧ ଗଡ଼ନାୟକ , ଜିଲ୍ଲା ମୁଖ୍ୟ ବନ ଅଧିକାରୀ ସୁମିତ କର ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନୀଳମଣି ଦିଲ୍ଲୀପ ଚନ୍ଦ ବେହେରା,ତଥା ଜିଲ୍ଲା ସ୍ତରୀୟ ଓ ବ୍ଲକସ୍ତରୀୟ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗଁଦିଆ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଓ ନିହାଲପ୍ରସାଦ ସରପ□ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁମ୍ଭକାର ପରିବାର ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ ଜାରି ରଖିଛନ୍ତି



ଢେଙ୍କାନାଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାରେ ବହୁ କୁମ୍ଭକାର ପରିବାର ମାଟି ହାଣ୍ଡି ଓ ମାଠିଆ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି,ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକ ତାର ପ୍ରଭାବରେ ହଜି ନଯାଇ କିଛି ବଞ୍ଚି ରହିଛି,ପୂର୍ବରୁ ମାଟି ପାତ୍ରର ଚାହିଦା ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟିପାତ୍ର ଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ,ଠେକି, ପଲମ,ହାତୀ, ଘୋଡା, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ଭଲ ଦୁଇ ପିଇସା ରୋଜଗାର କରି କୁଟୁମ୍ବ ଗୁଜୁରାଣ ମେଣ୍ଟାଇ ପାରୁଥିଲା,ସମୟ କ୍ରମେ ଆଧୁନିକ ମଣିଷର ରୁଚିରେ ମଧ ପରିବର୍ତନ ଦେଖା ଦେଲାନି ଏବଂ ସାଧାରଣ ଲୋକ ମାଟି ପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି,ଏଭଳି ପରିସ୍ଥିତିରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ଦେଖା ଦେଲାଣି,ତଥାପି କୌଳିକ ବୃ□କୁ ବ□ାଇ ରଖିବା ପାଇଁ ଏବେ ସୁଦ୍ଧା ସଙ୍ଘର୍ଷ ଜାରି ରଖିଛନ୍ତି,ପର୍ବ ପର୍ବାଣି ରୋଜଗାର ସୃଷ୍ଟି କରିଥାଏ କୁମ୍ଭକାର ପରିବାର ପାଇଁ । ଢେଙ୍କାନାଳ ଜିଲ୍ଲାରେ ରହୁଥିବା କୁମ୍ଭକାର ପରିବାର ଏବେ ମାଟି ପାତ୍ର ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି ।ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାର ପରିବାର ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରିନଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆସଙ୍କାକୁ ଏଡାଇ ଦେଇହେବ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । କୌଳିକ ବୃତ୍ତିକୁ ବଞ୍ଚାଇବା ପାଇଁ କୁମ୍ଭକାର ଚକ ଘୁରାଉ ଥିଲେ ମଧ ଉଆଶାଳ ଘର ମରାମତି ଓ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ମତ ପ୍ରକାଶ କରିଛନ୍ତ।

## ସାମୁଦ୍ରିକ ଥାନା ରେ କମ୍ୟୁନିଟ୍ ପୋଲିସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ନୂଆଗଡ ସ୍ଥିତ ସାମୁଦ୍ରିକ ଥାନା ରେ ଆଜି ପୋଲିସ ତରଫରୁ କମ୍ୟୁନିଟ୍ ସାଂସ୍କୃତିକ ଓ ବାଦ୍ୟଗତ କାର୍ଯ୍ୟକ୍ରମ ମହାଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଉଦ୍ଦେଶ୍ୟ ସାମୁଦ୍ରିକ ଥାନା ସହିତ ଥାନା ଅନ୍ତର୍ଗତ ସମସ୍ତ ଅଞ୍ଚଳ ରେ ଜନସାଧାରଣ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଙ୍କ ସହିତ ସୁ ସମ୍ପର୍କ ସ୍ଥାପନ ସହିତ ପ୍ରତ୍ୟେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଙ୍କୁ ପ୍ରୋତ୍ସାହିତ କରାଇବା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧକ୍ଷ ବିଷ୍ଣୁପ୍ରସାଦ ପଞ୍ଚି ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ଭିତରେ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାତ୍ରୀ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତି ଆରତୀ ନାୟକ, ନୂଆଗଡ ସାମୁଦ୍ରିକ ଥାନା ଭାରପ୍ରାପ୍ତ ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅସ୍ତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେଶ ବଳିୟାର ସିଂ, ନୂଆଗଡ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ଯୋଗ ଦେଇଥା ବେଳେ ପରିବେଶବିତ୍ ଶୋଭାକର ବେହେରା ମଞ୍ଚ ପରିଚାଳନା କରିଥିଲେ , ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ସାମୁଦ୍ରିକ ଥାନା ପକ୍ଷ ରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା କରାଯିବା ପରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟକ୍ରମ ଚାଲିଥିଲା, ସଭା ଶେଷରେ ନୂଆଗଡ ଓ ଝାଡ଼ଲିଙ୍ଗ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନୃତ୍ୟ ଗୀତ ର ଆସର ଜମିଥିଲା। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥି ବୃନ୍ଦ ସାଧାରଣଲୋକ ଓ ପୋଲିସ ଭିତରେ ଥିବା ସୁସମ୍ପର୍କ ଉପରେ ଆଲୋକପାତ କରିଥିଲେ, ସାଧାରଣଲୋକ ଙ୍କ ପାଇଁ ପୋଲିସ ର ସେବା ସଦାସର୍ବଦା ଆଉ ପୋଲିସ କୁ ସମସ୍ତ କାର୍ଯ୍ୟକ୍ରମ ରେ ସାଧାରଣ ଲୋକ ଙ୍କ ସାହାଯ୍ୟ ନିତ୍ୟାନ୍ତ ଆବଶ୍ୟକ ବୋଲି ଅତିରିକ୍ତ ଏସପି ମତାମତ ଦେଇଥିଲେ, ନୂଆଗଡ ସାମୁଦ୍ରିକ ଥାନା ତରଫରୁ ନୂଆଗଡ ଓ ଝାଡ଼ଲିଙ୍ଗ ପ□ାୟତ ବିଦ୍ୟାଳୟ ରେ ଦୌଡ଼, ନୃତ୍ୟ, ବାଦ୍ୟ, ବକ୍ତୃତା, ସ୍ଲୋ ସାଇକେଲ ରେସ, ଆଳୁ ଚାମଚ ଦୌଡ଼ ପ୍ରତିଯୋଗିତା କରାଯାଇଥିଲା ତା ସହିତ ଉଭୟ ପଞ୍ଚାୟତ ରୁ କିଛି ଯୁବକ ମାନଙ୍କୁ ନେଇ କ୍ରିକେଟ ଓ ଭଲି ବଲ୍ ଟୁର୍ନାମେଣ୍ଟ କରାଯାଇଥିଲା, ଆଉ ଏହି ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଓ ଖେଳାଳି ମାନଙ୍କୁ ମଞ୍ଚ□ ଉପରେ ମାନପତ୍ର ସହିତ ପୁରସ୍କୃତ କରାଯାଇଛି, ଏହା ସହ ଏହି ଥାନା ଅଧୀନରେ ଭିନ୍ନ ଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ପାଇଁ ଅନେକ ବରିଷ୍ଠ ନାଗରିକ ଓ ବ୍ୟକ୍ତି ମାନଙ୍କୁ ଉ□ରୀୟ ସହିତ ମାନପତ୍ର ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯିବା ସହ ଥାନା ଅଧୀନରେ କାର୍ଯ୍ୟରତ ଅନେକ କର୍ମଚାରୀ ମାନଙ୍କୁ ସେମାନଙ୍କ ପ୍ରତିଭା ପାଇଁ ପୁରସ୍କୃତ କରାଯାଇଛି, ଏହି କାର୍ଯ୍ୟକ୍ରମ ରେ ନୂଆଗଡ ଓ ଝାଡ଼ଲିଙ୍ଗ ପଞ୍ଚାୟତ ରୁ ଅନେକ ବୁଦ୍ଧିଜୀବୀ, ରାଜନେତା, ଛାତ୍ରଛାତ୍ରୀ, ଯୁବପିଢୀ ଉପସ୍ଥିତ ରହିଥିଲେ ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ ,(ମହାଭାରତ ):ଆଜି ଜିଲ୍ଲାପାଳ ଶ୍ରୀ ଅବ୍ଦାଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ କଣିହାଁ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାହୁଲ ଜୈନ ଯୋଗ ଦେଇଥିଲେ୍ୟ ଜନଶୁଣାଣୀ ଶିବିରରେ ମୋଟ ୮୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୩ ଟି ବ୍ୟକ୍ତିଗତ ଓ ୨୬ ଟି ଗ୍ରମ୍ୟଭିତିକ ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ୮ ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲାପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦ□ ମହନ୍ତ, ତାଳଚେର ଉପ-ଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅନ୍ତର୍ଯ୍ୟାମି ମିଶ୍ର, କଣିହାଁ ତହସିଲଦାର ଶ୍ରୀ ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦେବଦ□ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀମତୀ ସ୍ମିତା ନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମାଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ର ଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ମୁନିଗୁଡା ବ୍ଲକ ସଦର ମହକୁମା ଠାରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ମୁନିଗୁଡା (ମହାଭାରତ) ତାରିଖ ଦିନ ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ମୁନିଗୁଡା ବ୍ଲକ ସଦର ମହକୁମାସ୍ଥିତ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପାଟାଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ବନଖଣ୍ଡ ଅଧିକାରୀ ଆଭା ସାହେବ ଓହୋଲେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମହନ ରାଉତରାୟ, ମୁନିଗୁଡା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୫୯ ଟି ଅଭିଯୋଗ ଶିବିରରେ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୪ଗୋଟି ଗ୍ରାମବାସୀ ମାନଙ୍କ ଅଭିଯୋଗ ଥିଲା । ଏହି ଶିବିରରେ ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା , କୃଷି ସମସ୍ୟା, ଭତ୍ତା, ଗୃହ ନିର୍ମାଣ ଓ ରେଳ ବିଭାଗ ଭୁତଳ ରାସ୍ତା ଟିକରପଡା ସହିଦ ଲକ୍ଷ୍ମଣ ନାୟକ ଛକଠାରୁ ଟିକରପଡାକୁ ସଂଯୋଗ ହେଉଥିବା ରେଳ ବିଭାଗ ଫାଟକକୁ ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଦାବି ପତ୍ର ଏବଂ ଅନ୍ୟାନ ବିଭିନ୍ନ ସମସ୍ୟା ଉପସ୍ଥାପିତ ହୋଇଥିଲା। ଏହି ଅଭିଯୋଗ ଶିବିରରେ ଅଭିଯୋଗ ଶୁଣାଣି ଅଧିକାରୀ ସୁସ୍ମିତା ପଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁନିଗୁଡା କୃଷ୍ଣ ଚନ୍ଦ୍ର ଦଳପତି, ତହସିଲଦାର ମୁନିଗୁଡା ଏମ ଅନୁରାଧା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ, ବିଭିନ୍ନ ଅଧିକାରୀ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ ଯ ଏଥିସହ ଲିଟିସା କନ୍ଧପାଣି, ଧୁଆଁ ପଦର କୁମୁଡାବାଲି ମ.କ୍ତ ମଷବସକ୍ସ , ଚ କ ତ । ବାଗ,ବାଘଡଙ୍ଗରି,ଙବକ୍ଷଳସଭଶ-ଶ୍ବସ୍ତସମଳ, ସାବତ ବାଗ, ତେଲେଙ୍ଗା ପଦର ବେଟେରୀ,ଓପେରେଟେଡ୍ ତିନି ଜଣଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରଦାନ କରିଥିଲେ।ଆଜିର ଏହି ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ମୁନିଗୁଡା ଥାନା ଅଧିକାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ମୁନିଗୁଡା ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ ।

## କଳାହାଣ୍ଡି ଜିଲାରୁ ୧୯୨ଜଣ ତୀର୍ଥ ଯାତ୍ରୀ ରାୟଗଡା କୋଲକାତା କାମାକ୍ଷୀ ଅଭିମୁଖେ ଯାତ୍ରା

କଳାହାଣ୍ଡି/ମହାଭାରତ: ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି କଳାହାଣ୍ଡି ଜିଲାରୁ ୫ ଗୋଟି ସ୍ୱତନ୍ତ୍ର ବସ ଯୋଗେ ୧୯୨ ଜଣ ବରିଷ୍ଠ ନାଗରିକ ରାୟଗଡା କୋଲକାତା କାମାକ୍ଷୀ ଅଭିମୁଖେ ଯାତ୍ରା କରିଛନ୍ତି ।ଆଜି ରାୟଗଡାରେ ସମସ୍ତ ତୀର୍ଥଯାତ୍ରୀ ରାତ୍ରି ଯାପନ କରି ଆସନ୍ତା କାଲି ସ୍ୱତନ୍ତ୍ର ଟ୍ରେନ ଯୋଗେ କୋଲକାତା କାମାକ୍ଷୀ ଯାତ୍ରା କରି ଆସନ୍ତା ଫେବୃଆରୀ ୨୩ ତାରିଖରେ ଫେରିବେ । ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗଦେଇ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ରୁ ପତାକା ଦେଖାଇ ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମସ୍ତ ତୀର୍ଥଯାତ୍ରୀ ଏପଟେ ସେପଟେ ନ ହୋଇ ସାଙ୍ଗରେ ରହି ନିଜର ସୁବିଧା ଅସୁବିଧା ସାଙ୍ଗରେ ଯାଇଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥଯାତ୍ରା ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାର ୧୯୨ ଜଣ ବରିଷ୍ଠ ତୀର୍ଥ ଯାତ୍ରୀ ଭଲରେ ତୀର୍ଥ ଯାତ୍ରା ସାରି କେମିତି ଭଲରେ ଫେରିଆସିବେ ସେଥି ପାଇଁ ଜିଲ୍ଲାପାଳ ସମସ୍ତ ଙ୍କର ଶୁଭ କାମନା କରିଥିଲେ । ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ବସରେ ଯାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ତାଙ୍କୁ ଭଲରେ ନେଇ ଆଣିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀଙ୍କୁ ସାଙ୍ଗରେ ପଠାଯାଇଛି ।

### ଖଣି ଓ ପୋଲିସର ମିଳିତ ଚଢ଼ାଉ
# ପରିତ୍ୟକ୍ତ କ୍ରସର ହତାରୁ ଖଣିଜ ଚୋରି,ଗାଡ଼ି ଜବତ

ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଯୋଡ଼ା ସହର ଉପକଣ୍ଠ ସ୍ଥିତ ବେହେରା ହାଟିଂରେ ଥିବା ଏକ ପୁରୁଣା ପରିତ୍ୟକ୍ତ କ୍ରସର ହତାରୁ ବିପୁଳ ପରିମାଣର ଖଣିଜ ଚୋରି ହୋଇଯାଇଛି। ରବିବାର ରାତି ଯୋଡ଼ା ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଏହି ଅ□ଳ ଉପରେ ତିକ୍ଷୀଣ ନଜର ରଖିଥିଲା। ସୋମବାର ବଡି ଭୋର ସମୟରେ ଏକ ଟ୍ରେଲର ସିଜି-୧୦ବିୟୁ-୭୭୯୧ ଚୋରା ଖଣିଜ ବୋଝେଇ କରୁଥିବା ସମୟରେଯୋଡ଼ା ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଅନ୍ଧକାରର ସୁଯୋଗ ନେଇ ସେଠାରେ ନିୟୋଜିତ ଥିବା ଖଣି ଚୋର ମାନେ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ତେବେ ପୋଲିସ ଟ୍ରେଲର ଜବତ



କରିଛି ଏବଂ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏକ ମୋବାଇଲ ଫୋନ ମଧ ଗାଡ଼ି ଭିତରୁ ଧରିଛି। ୨୦୦୮-୦୯ ମସିହାରେ କ୍ରସରଟି ବନ୍ଦ ହୋଇ ଯାଇଥିଲା। ପରିତ୍ୟକ୍ତ ହୋଇ କ୍ରସରଟି ପଡ଼ି ରହିଥିବା ବେଳେ କ୍ରସର ହତାରେ ହଜାର ହଜାର ମେଟ୍ରିକ୍ ଟନ୍ ଉତ୍ତମାନର ଲୁହାପଥର ଏଣେ ତେଣେ ଭାବେ ଗଦା ହୋଇ ପଡିରହିଛି। ଏହି କ୍ରସର ବନ୍ଦ ହେବା ବେଳେ କ୍ଲୋଜିଂ ବାଲାନସ ଖଣିଜର ପରିମାଣ ଖଣି ବିଭାଗକୁ ଦିଆ ଯାଇଥିଲା ବୋଲି ଖଣି ଅଧିକାରୀ ଦୀପକ କୁମାର ଧୁରୁଆ ଘଟଣାସ୍ଥଳରେ କହିଛନ୍ତି । ପୋଲିସ ଗାଡ଼ିଟିକୁ ଜବତ କରିବା ପରେ ଖଣି ବିଭାଗ ସଂଜ୍ଞାନ ନେଇଥିଲା ଏବଂ ମାଇନିଂ ଅଫିସରଙ୍କ ନେତୃତ୍ୱରେ ଏକ ଟିମ୍ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ ପଠାଇଥିଲେ। ଏହି ଅଞ୍ଚଳଟିକୁ ବନ ବିଭାଗ ଫରେଷ୍ଟ ଗାର୍ଡ ନିଲମ୍ ମହାନ୍ତ ସଦଳବଳେ ଯାଇ ଯାଞ୍ଚ କରିଥିଲେ । ଯୋଡ଼ା ଖଣି ମଣ୍ଡଳରେ ଥିବା ଏକାଧିକ ବନ୍ଦ ଓ ପରିତ୍ୟକ୍ତ କ୍ରସରରେ ପ୍ରାୟ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖଣିଜ ଜମା ହୋଇ ରହିଛି। ସେହିପରି ରେଳ ସାଇଡିଂ ଗୁଡିକରେ ଓଡ଼ିଶା ସରକାରଙ୍କ ଖଣି ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ ଫଳରେ ହଜାର ହଜାର ଟନ୍ ଲୁହା ପଥର ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଯଦିଓ ଓଡ଼ିଶା ଖଣି ନିଗମ ଦ୍ୱାରା ବିଭାଗ କିଛି ଜବତ ଲୁହାପଥରକୁ ନିଲାମ କରି ବିକ୍ରି କରିଛି, ତେବେ ମଧ ବହୁ ପରିମାଣର ଲୁହାପଥର ସେଠାରେ ପଡ଼ି ରହିଛି ଏବଂ ଏହା ଉପରେ ଅନ୍ତରଜ୍ୟ ଖଣି ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏଥିରେ କିଛି ଅସାଧୁ ସରକାରୀ କର୍ମଚାରୀଙ୍କର ସହଯୋଗ ଏବଂ ଅସାମାଜିକ ଯୁବକ ମାନଙ୍କର ସାହାଯ୍ୟ ରହିଛି। ଖଣି ଉପନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି ଯେ, ଏହିପରି ଦାବିଦାର ନ ଥିବା ଖଣିଜ ଏବଂ ପରିତ୍ୟକ୍ତ କ୍ରସରରେ ଲକ୍ଷ ଲକ୍ଷ ଟନ ଖଣିଜ ପଡ଼ିରହିଛି। ଲୋଜିଷ୍ଟିକ ସପୋର୍ଟ ଅଭାବ ହେତୁ ଏହି ଖଣିଜକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ପାରୁନାହିଁ। ତଥାପି ଓଡ଼ିଶା ଖଣି ନିଗମ ସହିତ ଯୋଗାଯୋଗ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ଓ ବେହେରା ହାଟିଂରେ ଥିବା କ୍ରସର ମାଲିକକୁ ଚିଠି କରାଯାଇ ଗଚ୍ଛିତ ଲୁହା ପଥରର ପରିମାଣ ସମ୍ପର୍କରେ ଜବାବ ତଲବ କରାଯିବ।

# ଭାରତ ପ୍ରତି କୌଣସି ବିପଦ ହେବାକୁ ଦେବୁ ନାହିଁ: ବାଂଲାଦେଶ

**ଢାକା,୧୭।୨(ଏଜେନ୍ସି):** ବାଂଲାଦେଶର ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରରେ ବୈଦେଶିକ ବ୍ୟାପାର ପରାମର୍ଶଦାତା ତୌହିଦ ହୁସେନ ଭାରତ ସହିତ ଭଲ ସମ୍ପର୍କ ଏବଂ ପାକିସ୍ତାନ ସହିତ ସମ୍ପର୍କ ବିଗିଡ଼ି ରହିଥିବା ବିଷୟରେ କହିଛନ୍ତି । ସେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ହେଉଥିବା ହିଂସାର ମଧ୍ୟ ଉତ୍ତର ଦେଇଛନ୍ତି । ହୁସେନ ବାଂଲାଦେଶର ଆଭ୍ୟନ୍ତରୀଣ ରାଜନୀତିରେ ଅସ୍ଥିରତା ଏବଂ ଶେଖ ହାସିନାଙ୍କ ସରକାରର ପତନ ପରେ ବୈଦେଶିକ ନୀତିରେ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ସେ କହିଥିଲେ ଯେ, ଢାକା ଦ୍ୱାରା ଭାରତ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ମହମ୍ମଦ ତୌହିଦ ହୁସେନ ରବିବାର ଓମାନରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ମଧ୍ୟ ଭେଟିଥିଲେ । ଭାରତ ସହିତ ସମ୍ପର୍କ ବିଷୟରେ ପଚରାଯିବାରୁ, ତୌହିଦ ହୁସେନ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ତାଙ୍କର ସାକ୍ଷାତକୁ ଉଲ୍ଲେଖ କରି କହିଥିଲେ, ଦୁଇ ଦେଶ ମଧ୍ୟରେ ଭଲ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ।ଏସ୍ ଜୟଶଙ୍କରଙ୍କ ସହ ମୋର ଏକ ଭଲ ସାକ୍ଷାତ ହୋଇଥିଲା, ଆମେ ଅନେକ ପ୍ରସଙ୍ଗରେ ଆଲୋଚନା କରିଥିଲୁ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧି ପାଉଛି। ମୁଁ ଭାବୁଛି ବାଂଲାଦେଶ ଏବଂ ଭାରତ ମଧ୍ୟରେ ଭଲ ପାରସ୍ପରିକ ଲାଭଦାୟକ ସମ୍ପର୍କ ଆବଶ୍ୟକ । ଆମେ ମଧ୍ୟ ଏହା ଉପରେ ନିରନ୍ତର କାମ କରୁଛୁ ।ବାଂଲାଦେଶରେ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଇଥିବା ସମ୍ପ୍ରତି ରିପୋର୍ଟ ଆସିଛି। ଭାରତ ପକ୍ଷରୁ ମଧ୍ୟ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଚିନ୍ତା ପ୍ରକାଶ କରାଯାଇଛି । ଏହା ଉପରେ ହୁସେନ କହିଥିଲେ ଯେ, ହିନ୍ଦୁମାନେ ମଧ୍ୟ ମୁସଲମାନମାନଙ୍କ ପରି ବାଂଲାଦେଶର ନାଗରିକ । ସରକାର ସେମାନଙ୍କ ସୁରକ୍ଷା ପାଇଁ ଦାୟୀ ଏବଂ ଆମେ ଆମର ସଂଖ୍ୟାଲଘୁଙ୍କ ଯତ୍ନ ନେବୁ। ଏହା ଭାରତ ଏବଂ ବାଂଲାଦେଶ ମଧ୍ୟରେ ଏକ ସମସ୍ୟା ହେବା ଉଚିତ୍ ନୁହେଁ । ଏହା ଆମର ଆଭ୍ୟନ୍ତରୀଣ ମାମଲା । ପାକିସ୍ତାନ ସହିତ ସମ୍ପର୍କ ବିଷୟରେ ହୁସେନ କହିଛନ୍ତି ଯେ, ଭିସା ବ୍ୟବସ୍ଥା ଯୋଗୁ ପାକିସ୍ତାନକୁ ବାହାରେ ରଖାଯାଇଥିଲା । ସେ କହିଥିଲେ, ଆମେ ପାକିସ୍ତାନକୁ କେବଳ ଅନ୍ୟ ଏକ ସାଧାରଣ ଦେଶ ଭାବରେ ଦେଖୁଛୁ । ପାକିସ୍ତାନ ସହିତ ଏକ ସାଧାରଣ ବୈଠକ ଉପରେ ମଧ୍ୟ ହଙ୍ଗାମା କରିବା ଠିକ୍ ନୁହେଁ । ଆମେ ପାକିସ୍ତାନ ସମେତ ଅନ୍ୟ ଦେଶ ସହିତ ସମ୍ପର୍କ ସ୍ୱାଭାବିକ କରୁଛୁ । ସେ ଆଶ୍ୱାସନା ଦେଇଥିଲେ ଯେ, ପାକିସ୍ତାନ ସହିତ ସମ୍ପର୍କ ଭାରତର ସୁରକ୍ଷା ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ । ଢାକାରେ ବାଂଲାଦେଶର ପ୍ରତିଷ୍ଠାତା ମୁଜିବୁରହମାନଙ୍କ ଘର ଭଙ୍ଗାଯିବା ସମ୍ପର୍କରେ ହୁସେନ କହିଛନ୍ତି, ଏହା ହସିନାଙ୍କ ମନ୍ତବ୍ୟର ପ୍ରତିକ୍ରିୟା ଥିଲା । ସେ କହିଥିଲେ, ମୁଁ ଏହାକୁ ଯଥାର୍ଥ କହିବି ନାହିଁ କିନ୍ତୁ ଏହାର କାରଣ ଥିଲା ଶେଖ ହସିନାଙ୍କ ବକ୍ତବ୍ୟ । ମୁଁ ଚାହେଁ ହସିନା ଚୁପ୍ ରୁହନ୍ତୁ । ମୁଁ ଏହା ମଧ୍ୟ ସ୍ପଷ୍ଟ କରିବାକୁ ଚାହେଁ ଯେ, ବାଂଲାଦେଶର ପରିଚୟ ଗୋଟିଏ କୋଠା ନୁହେଁ । ବାଂଲାଦେଶରେ ନିର୍ବାଚନ ଘୋଷଣା ସମ୍ପର୍କରେ ସେ କହିଛନ୍ତି, ଦେଶରେ ଏକ ରାଜନୈତିକ ପରିବର୍ତ୍ତନ ଆସିଛି। ଆମେ କିଛି ସଂସ୍କାର ଦେଇ ଗତି କରୁଛୁ । ସଂସ୍କାର କାର୍ଯ୍ୟକାରୀ ହେବା ପରେ ନିର୍ବାଚନ କରାଇବା ଆମର ଉଦ୍ଦେଶ୍ୟ। ଆମେ ଆଶା କରୁଛୁ ଏହା ଶୀଘ୍ର ଘଟିବ । ଆମେରିକା ସହିତ ସମ୍ପର୍କ ବିଷୟରେ ସେ କହିଥିଲେ, ବାଂଲାଦେଶ ସବୁବେଳେ ଆମେରିକା ସହିତ ସମ୍ପର୍କକୁ ଗୁରୁତ୍ୱ ଦେଇଆସିଛି ।

# ମହାରାଷ୍ଟ୍ରରେ ରାଜନୈତିକ ବଳ କଷାକଷି

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ମହାରାଷ୍ଟ୍ରରେ ଶାସନ ଭାର ସମ୍ଭାଳିଥିବା ମହାୟୁତି ମେଣ୍ଟର ଦୁଇ ହାଇ ଭୋଲ୍ଟେଜଙ୍କ ମଧ୍ୟରେ ବଳ କଷାକଷି । କିଛି ଏମିତି ଦେଖିବାକୁ ମିଳିଛି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମଧ୍ୟରେ। ଖବର ମୁତାବକ ଫଡନାଭିସ ନିକଟରେ ଆସିଷ୍ଟାନ୍ସ ଡେସ୍କ ଓ ମେଡିକାଲ ଆସିଷ୍ଟାନ୍ସ ଡେସ୍କର ଆରମ୍ଭ କରିଥିଲେ । ଏହାକୁ ଲକ୍ଷ୍ୟକରି ସିନ୍ଦେ ମଧ୍ୟ ନିଜ ଅଧିନରେ ଏକ ମେଡିକାଲ ଆସିଷ୍ଟାନ୍ସ ଡେସ୍କର ଆରମ୍ଭ କରିଛନ୍ତି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ସିନ୍ଦେ ନିଜ ଡେସ୍କକୁ ଫଡନାଭିସଙ୍କ ଅଫିସ ନିକଟରେ ହିଁ ଆରମ୍ଭ କରିଛନ୍ତି । ମହାରାଷ୍ଟ୍ରରେ ଥିବା ମନ୍ତ୍ରଣାଳୟ ବିଲ୍ଡିଂ(ରାଜ୍ୟ ସେକ୍ରେଟେରିଏଟ) ଏହି ବଳ କଷାକଷିର ମୁକସାକ୍ଷି ହୋଇ ଛିଡାହୋଇଛି । ଯେଉଁଠି ଫଡନାଭିସ ନିଜ କାର୍ଯ୍ୟାଳୟରୁ ରାଜ୍ୟର ମୁଖ୍ୟ ପ୍ରକଳ୍ପ ଗଡିକର ମନିଟରିଂ ଓ ଗୁରୁତ୍ୱପୂର୍ଣ୍ଣ ମିଟିଂ ଜାରି ରଖିଛନ୍ତି । ଅନ୍ୟପଟେ ସିନ୍ଦେ ଫଡନାଭିସଙ୍କ ଅଫିସ ସମ୍ମୁଖରେ ଅନ୍ୟ ଏକ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି । ସେ ଏହି କାର୍ଯ୍ୟାଳୟରେ ଏକ ସମନ୍ୱୟ କମିଟି ଗଠନ କରି ମହାରଷ୍ଟ୍ରରେ କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡିକର ସମୀକ୍ଷା କରୁଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଏ ସମ୍ପର୍କରେ ମତ ଦେଇ କହିଛନ୍ତି ଯେ ଏଥିରେ କୌଣସି ଅସୁବିଧା ନାହିଁ । ଉପମୁଖ୍ୟମନ୍ତ୍ରୀ ହିସାବରେ ସିନ୍ଦେ ନିଜର ଏକ ନୂଆ ଅଫିସ ଗଠନ କରିଛନ୍ତି । ସରକାରରେ ପୂର୍ବରୁ ତାଙ୍କର ଅନେକ ଅଭିଜ୍ଞତା ରହିଛି । ସେହି ଆଧାରରେ ସେ ମହାରଷ୍ଟ୍ର ସରକାରଙ୍କ କାମ କିପରି ସୁରୁଖୁରୁରେ ସମ୍ପାଦନ୍ ହେବ ସେ ତାହା ଉପରେ ଧ୍ୟାନ ଦେଉଛନ୍ତି । ତେବେ ସିନ୍ଦେଙ୍କ ଶିବସେନା ଦଳର ମୁଖିଆ ଓ ମନ୍ତ୍ରୀ ମାନେ ଏହାକୁ ନେଇ ନିଜର ଏକ ଭିନ୍ନ ମତ ରଖିଛନ୍ତି ।

ଦୁଇଟି ଅଲଗା ଅଲଗା ଅଫିସ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରୁଛି । ଏହା ଦ୍ୱାରା ତ୍ୱରିତ ବେଗରେ ନିଷ୍ପତ୍ତି ଗ୍ରହଣ କରିବା ସହ ଏହାର କର୍ଯ୍ୟକାରିତାକୁ ବେଗ ପ୍ରଦାନ କରୁଛି ବୋଲି ସେମାନେ ନିଜ ମତ ପ୍ରକାଶ କରିଛନ୍ତି । ସୂଚନା ମୁତାବକ, ପ୍ରାରମ୍ଭିକ ସ୍ତରରେ ସିନ୍ଦେଙ୍କୁ ବିପର୍ଯ୍ୟୟ ପରିଚାଳନା କମିଟିରେ ମିଶାଯାଇ ନଥିଲା। ମହାରଷ୍ଟ୍ର ସରକାରଙ୍କ ଏହି ନିଷ୍ପତ୍ତିରେ ସିନ୍ଦେ କ୍ଷୁବ୍ଧ ହୋଇଯାଇଥିଲେ ।ତେବେ ବର୍ତ୍ତମାନ ସେ ନୂତନ ଭାବେ ପ୍ରଣୟନ କରିଥିବା ନିୟମରେ ସିନ୍ଦେ ସିଧାସଳଖ କମିଟିର ଜଣେ ସଦସ୍ୟ ହୋଇପାରିଛନ୍ତି। ସେହିପରି ରାଇଗଡ ଓ ନାସିକ ଜିଲ୍ଲା ପାଇଁ ଜଣେ ଗାର୍ଡିଏନ ମନ୍ତ୍ରୀଙ୍କ ଆବଶ୍ୟକତା ରହିଥିବାରୁ ଫଡନାଭିସ ନିଜ ପସନ୍ଦର ବିଧାୟକଙ୍କୁ ଏଠାକୁ ପଠାଇବା ପାଇଁ ଆଦେଶ ଜାରି କରିଥିଲେ । କିନ୍ତୁ ସିନ୍ଦେଙ୍କ ଶିବସେନା ଗୋଷ୍ଠିର ବିଧାୟକମାନେ ଏହି ଆଦେଶ ବରୋଧରେ ବିଦ୍ରୋହ କରିଥିଲେ । ରାଜନୈତିକ ଭାଗବଣ୍ଟାକୁ କେନ୍ଦ୍ର କରି ଶିବ ସେନା ଦଳ ମହାରାଷ୍ଟ୍ର ସରକାରଙ୍କ ଉପରେ ନିଜ ଅସନ୍ତୁଷ୍ଟି ଜାହିର କରି ଆସୁଛି । ଯେଉଁଥି ପାଇଁ ମହାୟୁତିର ଉଭୟ ଦଳ ବିଜେପି ଓ ଶିବ ସେନା ଦଳ ମଧ୍ୟରେ ବଳ କଷାକଷି ହେଉଥିବା ଦୃଶ୍ୟ ସାମ୍ନାକୁ ଆସୁଛି ।

# ମହାକୁମ୍ଭ ବେକାର, ଏହାର କୌଣସି ଅର୍ଥ ନାହିଁ

**ପାଟନା,୧୭।୨(ଏଜେନ୍ସି):** ମହାକୁମ୍ଭକୁ ନେଇ ଆରଜେଡି ମୁଖ୍ୟ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ମହାକୁମ୍ଭ ବେକାର, ଏହାର କୌଣସି ଅର୍ଥ ନାହିଁ। ନୂଆଦିଲ୍ଲୀ ରେଳ ଷ୍ଟେସନ ଦୁର୍ଘଟଣା ନେଇ ସେ କହିଛନ୍ତି ଯେ, ଏକ ଦୁଃଖଦ ଘଟଣା ଘଟିଛି । ଆମେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛୁ। ଏହା ରେଳବାଇର ଦୋଷ। ରେଳବାଇର ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଛି। ଏହା ରେଳବାଇର ବିଫଳତା। ରେଳମନ୍ତ୍ରୀ ଏହାର ନୈତିକ ଦାୟିତ୍ୱ ନେବା ଉଚିତ।



ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ଘଟି ୧୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଦିଲ୍ଲୀର ଲେଡି ହାର୍ଡିଞ୍ଜ ଏବଂ ଏଲଏନଜେପି ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଶନିବାର ରାତିରେ ୧୪ ଏବଂ ୧୬ ନମ୍ବର ପ୍ଲାଟଫର୍ମରେ ଏହି ଦୁର୍ଘଟଣା ଘଟିଥିଲା।

ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ପିଲା ଅଛନ୍ତି। ରେଳମନ୍ତ୍ରୀ ଦଳାଚକଟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦଳାଚକଟାରେ ମୃତ୍ୟୁବରଣ କରିଥିବା ଅଧିକାଂଶ ଲୋକ ବିହାର ଏବଂ ଦିଲ୍ଲୀର ବାସିନ୍ଦା। ବିହାରର ୯ ଜଣ, ଦିଲ୍ଲୀର ୮ ଜଣ ଏବଂ ହରିଆଣାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ନୂଆଦିଲ୍ଲୀ ରେଳ ଷ୍ଟେସନର ପରିସ୍ଥିତି ନିୟନ୍ତ୍ରଣରେ ଅଛି। ଦୁର୍ଘଟଣାର କାରଣ ତଦନ୍ତ କରାଯାଉଛି। ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ସମ୍ପର୍କରେ ରେଳବାଇର ପ୍ରଥମ ସରକାରୀ ବିବୃତି ପ୍ରକାଶ ପାଇଛି। ଉତ୍ତର ରେଳବାଇର ସିପିଆରଓ ହିମାଂଶୁ ଶେଖର ଉପାଧ୍ୟା। କହିଛନ୍ତି ଯେ, ଗତକାଲି ଯେତେବେଳେ ଏହି ଦୁଃଖଦ ଘଟଣା ଘଟିଥିଲା, ସେତେବେଳେ ପାଟନା ଅଭିମୁଖେ ଯାଉଥିବା ମଗଧ ଏକ୍ସପ୍ରେସ୍ ନୂଆଦିଲ୍ଲୀ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧୪ ରେ ଏବଂ ଜମ୍ମୁ ଅଭିମୁଖେ ଯାଉଥିବା ଉତ୍ତର ସମ୍ପର୍କ କ୍ରାନ୍ତି ପ୍ଲାଟଫର୍ମ ନମ୍ବର ୧୫ରେ ଠିଆ ହୋଇଥିଲା।

# ଛତିଶଗଡ଼ର ସମସ୍ତ ୧୦ ନଗର ନିଗମ ପୋଛିନେଲା ବିଜେପି

**ରାୟପୁର,୧୭।୨(ଏଜେନ୍ସି):** ଛତିଶଗଡ଼ର ନଗର ନିଗମ ନିର୍ବାଚନରେ ବିଜେପି ବିପୁଳ ବିଜୟ ହାସଲ କରିଛି। ରାଜ୍ୟର ସମସ୍ତ ୧୦ଟି ମହାନଗର ନିଗମ ମେୟର ନିର୍ବାଚନରେ ଦଳ ବିଜୟୀ ହୋଇଛି। ଏହା ସହିତ ୩୫ ପେରପାଳିକା ଏବଂ ୮୧ ନଗର ପଞ୍ଚାୟତରେ ମଧ୍ୟ ବିଜେପି ବାଜି ମାରିଛି। ସବୁଠାରୁ ବଡ଼ ବିଜୟ ରାୟପୁରରେ ମୀନାଲ ଚୌବେଙ୍କୁ ମିଳିଛି। ଚୌବେ ଦୀପ୍ତି ଦୁବେଙ୍କୁ ୧ ଲକ୍ଷ ୫୩ ହଜାରୁ ଅଧିକ ଭୋଟ୍ରେ ପରାସ୍ତ କରିଛନ୍ତି। ରାୟପୁର ମହାନଗର ନିଗମରେ ଏହା ହେଉଛି ସବୁଠାରୁ ବଡ଼ ବିଜୟ। ୧୫ ବର୍ଷ ଧରି ସେ ରାୟପୁରର କଂଗ୍ରେସ ମେୟର ଥିଲେ। ଏହାବ୍ୟତୀତ ଦୁର୍ଗ, ରାଜନାନ୍ଦଗାଓଁ, ବିଳାସପୁର, ଜଗଦଲପୁର, ଅମ୍ବିକାପୁର, ରାୟଗଡ ଓ ଚିରମିରି ମହାନଗର ନିଗମ ନିର୍ବାଚନରେ ବିଜେପି ବିଜୟୀ ହୋଇଛି। ରାଜ୍ୟରେ ବିଜେପି ପ୍ରତି ଲୋକେ ପୁଣି ପୂର୍ଣ୍ଣ ଭରସା ପ୍ରକଟ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।

ରାଜନନ୍ଦଗାଓଁ ମହାନଗର ନିଗମରେ ମେୟର ପଦ ପାଇଁ ହୋଇଥିବା ନିର୍ବାଚନରେ ବିଜେପିର ମଧୁସୂଦନ ଯାଦବ ବିଜୟୀ ହୋଇଛନ୍ତି । ଏହି ନିର୍ବାଚନରେ ଯାଦବକୁ ମୋଟ ୬୨ ହଜାର ୫୧୭ ଭୋଟ୍ ମିଳିଥିଲା। ସେହିପରି କଂଗ୍ରେସ ପ୍ରାର୍ଥୀ ନିଖିଲ ଦ୍ୱିବେଦୀଙ୍କୁ ମୋଟ ୨୧ ହଜାର ୩୭୯ ଭୋଟ୍ ମିଳିଛି। ବିଜେପିପ୍ରାର୍ଥୀ ଯାଦବ କଂଗ୍ରେସ ପ୍ରାର୍ଥୀ ଦ୍ୱିବେଦୀଙ୍କୁ ୪୧,୧୩୮ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏଠାରେ କଂଗ୍ରେସ ଓ ବିଜେପି ମଧ୍ୟରେ ସିଧାସଳଖ ମୁକାବିଲା ହୋଇଥିଲା। ମଧୁସୂଦନ ଯାଦବ ଅତୀତରେ ସାଂସଦ ଓ ମେୟର ମଧ୍ୟ ଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହଙ୍କ ଘନିଷ୍ଠ ବୋଲି ବିବେଚନା କରାଯାଏ। ଆଜି ନିର୍ବାଚନ ଫଳ ଘୋଷଣା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ସମର୍ଥନ ବିଜେପିକୁ ପୁଣି ଥରେ ଐତିହାସିକ ସଫଳତା ଦେଇଛି।



# ମହାକୁମ୍ଭରେ ନଦୀର ପରିଷ୍କାର ପରିଚ୍ଛନ୍ନତା ପାଇଁ ବିଶ୍ୱ ରେକର୍ଡ

**ପ୍ରୟାଗରାଜ,୧୭।୨(ଏଜେନ୍ସି):** ଗଙ୍ଗା ଯମୁନା ଏବଂ ଅଦୃଶ୍ୟ ସରସ୍ୱତୀର ପବିତ୍ର କୂଳରେ ଦେଶ ତଥା ବିଶ୍ୱର ସବୁଠାରୁ ବଡ ଧାର୍ମିକ ଏବଂ ଆଧ୍ୟାତ୍ମିକ ଆୟୋଜନ ମେଳା ନିଜର ଦିବ୍ୟତା ,ଭବ୍ୟତା ଏବଂ ନବ୍ୟତା ବିଶ୍ୱ ପୋର୍ଟାଲରେ ବିସ୍ତାର କରୁଛି ।ଗତ କୁମ୍ଭ ୨୦୧୯ରେ ମଧ୍ୟ ଅନେକ ୱାର୍ଲ୍ଡ ରେକର୍ଡ କରାଯାଇଥିଲା ଏବଂ ଏଥର ମଧ୍ୟ ଏକ ନୂତନ ୱାର୍ଲ୍ଡ ରେକର୍ଡ ମେଳା ପ୍ରଶାସନ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ସୃଷ୍ଟି କରାଯାଇଛି।



ସଙ୍ଗମନଗରୀ ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ବିଭିନ୍ନ ଘାଟରେ ଏକା ସାଥୀରେ ୩୨୭ ପରିମଳ କର୍ମଚାରୀ ଏକା ସାଥୀରେ ନଦୀକୁ ସଫା କରିବା କାର୍ଯ୍ୟ କରିବେ ।ଏହି ସଫେଇ କାର୍ଯ୍ୟର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଲୋକମାନେ ଯେଉଁଠାରେ ଥାଆନ୍ତୁ ନଦୀକୁ ସଫା ଏବଂ ସ୍ୱଚ୍ଛ ରଖନ୍ତୁ ।ଏହା ସହିତ ଏହା ଏକ ବିଶ୍ୱ ୱାର୍ଲଡ ରେକର୍ଡ ମଧ୍ୟ ହେବ ଏତେ ବଡ ସଂଖ୍ୟାରେ ଏକା ସାଥୀରେ କୌଣସି ସ୍ଥାନରେ ମଧ୍ୟ ସଫେଇ କର୍ମଚାରୀମାନେ ନଦୀକୁ ସଫା କରିବା ପାଇଁ ନିୟୋଜିତ ହୋଇନାହାନ୍ତି।

# ୟୁକ୍ରେନକୁ ୧ ଲକ୍ଷ ସୈନିକ ଦେବ ୟୁରୋପ !

**କିଭ୍,୧୭।୨(ଏଜେନ୍ସି):** ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ପାଇଁ ଚୀନର ପ୍ରୟାସ ସାମ୍ପ୍ରତିକ ସମୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ସାଉଦି ଆରବରେ ଏହି ପ୍ରସଙ୍ଗରେ ରୁଷିଆ ଏବଂ ଆମେରିକା ମଧ୍ୟରେ ଆଲୋଚନା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏସବୁ ମଧ୍ୟରେ, ୟୁକ୍ରେନ୍ ସରକାର ନିଜ ଦେଶର ସୁରକ୍ଷା ଗ୍ୟାରେଣ୍ଟି ଦେବାକୁ ଜୋର ଦେଉଛନ୍ତି। ଏପରି ପରିସ୍ଥିତିରେ, ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ରୁଷିଆ ସୀମାରେ ଏକ ଲକ୍ଷ ସୈନିକଙ୍କ ଶାନ୍ତି ସେନା ମୁତୟନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ନାଟୋ ସଦସ୍ୟତା ପାଇବା ପାଇଁ ୟୁକ୍ରେନର ପ୍ରୟାସକୁ ଆମେରିକା ପ୍ରତ୍ୟାଖ୍ୟାନ କରିବା ପରେ ତାଙ୍କର ଏହି ପ୍ରସ୍ତାବ ଆସିଛି। ଆମେରିକା ମଧ୍ୟ ୟୁକ୍ରେନରେ ନିଜର ସୈନ୍ୟ ମୁତୟନ କରିବାକୁ ମନା କରିଦେଇଛି । ଏପରି ପରିସ୍ଥିତିରେ, ଜେଲେନସ୍କି ସୁରକ୍ଷାର ବିକଳ୍ପ ଗ୍ୟାରେଣ୍ଟି ଖୋଜୁଛନ୍ତି। ତଥାପି, ବଡ଼ ପ୍ରଶ୍ନ ହେଉଛି ଯେ, ଆମେରିକାର ପ୍ରତ୍ୟାହାର ପରେ ୟୁରୋପ କେବଳ ଏତେ ବଡ଼ ଶାନ୍ତି ବାହିନୀକୁ ସଂଗଠିତ କରିପାରିବ କି ?ୟୁରେସିଆନ୍ ଟାଇମ୍ସ ରିପୋର୍ଟ କରିଛି ଯେ, ଖମେଲନିଟସ୍କି ପରମାଣୁ ଶକ୍ତି କେନ୍ଦ୍ର ପରିଦର୍ଶନ ସମୟରେ, ଜେଲେନସ୍କି କହିଥିଲେ, ପ୍ରଶ୍ନ ସୁରକ୍ଷା ଗ୍ୟାରେଣ୍ଟି ଉପରେ ରହିଛି । ଏହା କିପରି ନାଟୋ କିମ୍ବା ଶକ୍ତିଶାଳୀ କ୍ଷେପଣାସ୍ତ୍ର ଏବଂ ପରମାଣୁ ଅସ୍ତ୍ର ମାଧ୍ୟମରେ ସାକାର ହେବ । ନଚେତ୍ ଆମକୁ କିଛି ପ୍ୟାକେଜ୍ ଦିଆଯିବ । ଜେଲେନସ୍କି କହିଛନ୍ତି, ୟୁକ୍ରେନକୁ ସୁରକ୍ଷା ଦେବା ପାଇଁ ସୀମାରେ ୧ ଲକ୍ଷ ସାମରିକ କର୍ମଚାରୀଙ୍କ ଆବଶ୍ୟକତା ଅଛି ଏବଂ ଆମେ ସେମାନଙ୍କୁ ପାଇବା ଉଚିତ୍ । ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ସୀମାକୁ ଦୃଷ୍ଟିରେ ରଖି, ପ୍ରତି କିଲୋମିଟରରେ ୧ ଲକ୍ଷ ସୈନିକଙ୍କ ଶାନ୍ତି ସେନା ଗୋଟିଏ ପ୍ଲାଟୁନରୁ କମ୍ ହେବ । ୟୁକ୍ରେନ୍ ଯୁଦ୍ଧରେ ସକ୍ରିୟ ଫ୍ରଣ୍ଟଲାଇନ୍ ପ୍ରାୟ ୧,୨୦୦ କିଲୋମିଟର ଲମ୍ବା । ୟୁକ୍ରେନ ଏବଂ ରୁଷିଆ ସୀମା ସହିତ, ଏହି ସୀମା ରେଖା ୨.୩୦୦କିଲୋମିଟରରୁ ଅଧିକ ଲମ୍ବାୟ ରୁଷିଆ। ବେଲାରୁଷରେ ହଜାର ହଜାର ସୈନ୍ୟ ମୁତୟନ କରିବାକୁ ଯୋଜନା କରୁଛି। ତେଣୁ, ନିର୍ଭରଯୋଗ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ୟୁକ୍ରେନ-ବେଲାରୁଷ ସୀମାରେ ଅନ୍ତର୍ଜାତୀୟ ଶାନ୍ତିସେନା ବାହିନୀକୁ ମଧ୍ୟ ମୁତୟନ କରାଯିବା ଉଚିତ । ୟୁକ୍ରେନ-ବେଲାରୁଷ ସୀମା ୧୧୦୦ କିଲୋମିଟର । ଏପରି ପରିସ୍ଥିତିରେ, ୩,୪୦୦ କିଲୋମିଟର ଲମ୍ବା ସୀମାରେ ଶାନ୍ତି ସେନାକୁ ମୁତୟନ କରିବାକୁ ପଡିବ।

## ସାମସଙ୍ଗ ବେସପୋକ୍ ଏଆଇ ରେଫ୍ରିଜେରେଟର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଆଜି ଏହାର ଅଧୁନତମ ବେସପୋକ ଏଆଇ ରେଫ୍ରିଜେରେଟର ଶୃଙ୍ଖଳ ୩୩୦ ଲିଟର -୩୫୦ ଲିଟର କ୍ଷମତାଯୁକ୍ତ ସମ୍ଭାରର ଶୁଭାରମ୍ଭ କରିଛି। ଏହି ନୂଆ ସମ୍ଭାର ସହିତ ଯୋଡ଼ି ହୋଇ ରହିଛି ଏଆଇ ପରିଚାଳିତ କିଛି ବିଶେଷତ୍ୱ ଯେପରିକି ଏଆଇ ଏନର୍ଜିମୋଡ଼, ଏଆଇ ହୋମକେୟାର ଏବଂ ସ୍ମାର୍ଟ ଫରୱାର୍ଡ଼ ସହିତ ଅତି ଆରାମଦାୟକ ଡ଼ିଜାଇନ ଏବଂ ବିବିଧ ବିକଳ୍ପର ଷ୍ଟୋରେଜ ବ୍ୟବସ୍ଥା। ଭାରତୀୟ ଗ୍ରାହକମାନଙ୍କ ଅନନ୍ୟ ଆବଶ୍ୟକତାକୁ ପରିପୂରଣ କରିବା ଲକ୍ଷ୍ୟ ନେଇ ଏଇ ଶୃଙ୍ଖଳ ଅତି ବିଶେଷତ୍ୱପୂର୍ଣ୍ଣ କାର୍ଯ୍ୟଦକ୍ଷତା, ଷ୍ଟାଇଲ ଏବଂ ନୂତନତ୍ୱ ସହିତ ପ୍ରାରମ୍ଭିକ ମୂଲ୍ୟ ୫୬୯୯୦ ଟଙ୍କାରୁ ଆରମ୍ଭ ହୋଇଛି। ଏହି ନୂତନ ବେସପୋକ ଏଆଇ ରେଫ୍ରିଜେରେଟର ସ୍ମାର୍ଟ ଶକ୍ତି ପରିଚାଳନା ଯୋଗାଇବା ସହିତ ସତେଜତାର ବୃଦ୍ଧି ଏବଂ ଚ଼ଳନ୍ତି ସତେଜ ଫିଲଟର ଯୋଗାଇଥାଏ ଯାହାକି ୯୯.୯ ପ୍ରତିଶତ ବିପଦପୂର୍ଣ୍ଣ ଜୀବାଣୁକୁ ଦୂରେଇଥାଏ ଯାହାକି ଗ୍ରାହକ ଆକର୍ଷଣୀୟ ଏହି ପତଳା ରେଫ୍ରିଜେରେଟର ଉପଲବ୍ଧ ହୋଇଥାଏ। ଏଥିରେ ରହିଥିବା ଡ଼ିଜିଟାଲ ଇନଭୋଟର କମ୍ପ୍ରେସରର ସ୍ଥାୟୀ ଶକ୍ତି ସଂରକ୍ଷଣ କ୍ଷମତାକୁ ନେଇ ୨୦ ବର୍ଷର ୱାରେଂଟି ତଥା ଭାରତରେ ସର୍ବାଧୁନିକ ରେଫ୍ରିଜେରେଟର ମାନ୍ୟତା ବଜାୟୀ ରଖିଛି।

## 'ସ୍ପ୍ରାଇଟ' 'ଥଣ୍ଡ ରଖ' ଅଭିଯାନ

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ସ୍ପ୍ରାଇଟ, ଏକ ଆଇକନିକ ଲେମ୍ବୁ ତଥା ସୋଡ଼ାଯୁକ୍ତ ସ୍ୱାଦର ମୃଦୁପାନୀୟକୁ ନେଇ, କିମ୍ବଦନ୍ତୀ 'ଥଣ୍ଡ ରଖ' ଅଭିଯାନର ସତେଜ ସ୍ପିନ ସହିତ ସତେଯେପରି ଜୀବନ୍ତ ହୋଇଉଠିଛି। ସରଭରି ଏବଂ ବରୁଣ ତେଜଙ୍କ ନିଜର ଡ଼େବୁଟ୍ ସହିତ ଏହି ସମ୍ପୂର୍ଣ୍ଣ ନୂତନ ଚ଼ଳଚ୍ଚିତ୍ରଟି ପ୍ରଦର୍ଶିତ ହୋଇଛି ଯେତେବେଳେ କି ବେଦାଙ୍ଗ ରାଇନା ଏବଂ ଦେବ ଅଧିକାରୀ ଯେ କି ସଦାସର୍ବଦା ଶୀତଳତାର ପ୍ରତୀକ ତାଙ୍କର ଫେରି ଆସିବା ଏ ସବୁକୁ ନେଇ ଏହି ଗ୍ରୀଷ୍ମଋତୁ ଅକ୍ଲେଶରେ ଶୀତଳତାର ସ୍ପର୍ଶ ପ୍ରଦାନ କରିବାକୁ ଯାଉଛି। ସେଥିରେ କୌଣସି ବାଧକ ନାହିଁ ସେ ଯେଉଁଭଳି ଆହ୍ୱାନଭରା ଜୀବନ ହେଉପଛେ ଏହା ଆପଣଙ୍କ ଗତିପଥକୁ ଆଗକୁ ନେଇଛି ଏହା ହିଁ ସ୍ପ୍ରାଇଟର ସତେଜ ହାଲୁକା ଫେଣଯୁକ୍ତ ଯାଦୁ ଯାହାକି ଗୋଟିଏ ଢ଼ୋକ ନେଇ, ଆରାମ ତଥା ହାଲୁକା ଭାବେ ଏହାକୁ ଗ୍ରହଣୀୟତା ପାଇଁ ଏକ ସରଳ ମନେ ପକେଇ ଦେବାର ଏହା ଏକ ସୁନ୍ଦର ସେବା।

# ନାଟୋ ସମାପ୍ତ ହେଉଥିବା ନେଇ ଚର୍ଚ୍ଚା

**ମ୍ୟୁନିଚ୍,୧୭।୨(ଏଜେନ୍ସି):** ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ଯୋଜନା ଦ୍ୱାରା ୟୁରୋପରେ ଆତଙ୍କ ଖେଳିଯାଇଛି। ରୁଷିଆ। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଡୋନାଲ୍ଡ ଟ୍ରମ୍ପଙ୍କ ୯୦ ମିନିଟର ଫୋନ୍ କଲ୍ ନେଇ ୟୁରୋପୀୟମାନେ ବିଚଳିତ ହୋଇଯାଇଛନ୍ତି। ଏହା ସହିତ, ଚଳିତ ସପ୍ତାହରେ ବ୍ରସେଲ୍ସରେ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟର ହେଗସେଥ ଦେଇଥିବା ବିବୃତି ୟୁରୋପୀୟ ନେତାମାନଙ୍କୁ ଅସ୍ଥିର କରିଦେଇଛି। ଟ୍ରମ୍ପ ତାଙ୍କ ନିଷ୍ପତ୍ତି ଦ୍ୱାରା ନାଟୋ ମେଳକୁ ଧ୍ୱଂସ କରୁଛନ୍ତି ବୋଲି ଆଲୋଚନା ହେଉଛି। ଏହା ନାଟୋର ଅନ୍ତର ସଙ୍କେତ ଦେଇପାରେ ବୋଲି ଲିଥୁନିଆର ପୂର୍ବତନ ବୈଦେଶିକ ମନ୍ତ୍ରୀ ଗାବ୍ରିଏଲିୟସ୍ ଲ୍ୟାଣ୍ଡସବର୍ଗିସ୍ କହିଛନ୍ତି।

ପଲିଟିକୋର ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କ ଆଶ୍ଚର୍ଯ୍ୟଜନକ ଘୋଷଣା ପରେ ୟୁରୋପରେ ଆତଙ୍କର ବାତାବରଣ ରହିଛି। ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟର ହେଗସେଥ୍ ଯେଉଁ ପ୍ରକାରର ମନ୍ତବ୍ୟ ଦେଇଛନ୍ତି ତାହା ୟୁରୋପର ସୁରକ୍ଷାକୁ ବିପଦରେ ପକାଇବା ପରି ମନେ ହେଉଛି। ହେଗସେଥ୍ ୟୁରୋପକୁ ଆମେରିକା ପାଇଁ ଏକ ସୁରକ୍ଷା ବର୍ତ୍ତଭାବରେ ବର୍ଣ୍ଣନା କରିଥିଲେ। ଏହାର ଅର୍ଥ ସ୍ପଷ୍ଟ ଯେ, ଏବେ ଆମେରିକାର ୟୁରୋପକୁ ସୁରକ୍ଷା ଦେବାର କୌଣସି ଉଦ୍ଦେଶ୍ୟ ନାହିଁ।



ଯଦିଓ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଯୋଗ ଦେଇଥିବା ଆମେରିକୀୟ ଆଇନ ପ୍ରଣୟନକାରୀମାନେ ୟୁରୋପକୁ ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା ବିଶେଷ ଲାଭ ଦେଇନାହିଁ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ସେନେଟର ରୋଜର ୱିକର, ଯିଏ ଶକ୍ତିଶାଳୀ ସେନେଟ ସଶସ୍ତ୍ର ସେବା ପ୍ୟାନେଲର ଅଧ୍ୟକ୍ଷ। ୱିକର ପଲିଟିକୋକୁ କହିଥିଲେ ଯେ, ହେଗସେଥ୍ ବ୍ରସେଲ୍ସରେ ଏକ ନୂତନ ଭୁଲ କରିଥିଲେ। ମୁଁ ଜାଣିନାହିଁ ତାଙ୍କ ଭାଷଣ କିଏ ଲେଖିଥିଲା, କିନ୍ତୁ ଏହା ଟକର କାର୍ଲସନ ଲେଖିଥାଇପାରନ୍ତି। କାର୍ଲସନ୍ ଜଣେ ମୂର୍ଖ।

ୱିକର ଏହା ମଧ୍ୟ କହିଛନ୍ତି ଯେ, ହେଗସେଥ୍ ତାଙ୍କର କିଛି କଠୋର ମନ୍ତବ୍ୟକୁ ପ୍ରତ୍ୟାହାର କରିଛନ୍ତି, କିନ୍ତୁ ୟୁରୋପର ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ହରାଇବା ପ୍ରସଙ୍ଗରେ ସେ ଏପର୍ଯ୍ୟନ୍ତ ତାହା କରିନାହାନ୍ତି। ଏହି ସମାରେ, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଆଉ ଏକ ଝଟକା ଘଟାଇଛନ୍ତି। ୟୁରୋପ ପ୍ରତି ବିପଦ ବିଷୟରେ କହିବାକୁ ଯାଇ ସେ କହିଥିଲେ, ଏହା ରୁଷିଆ। ନୁହେଁ। ଏହା ଚୀନ୍ ନୁହେଁ, ଏହା ଅନ୍ୟ କୌଣସି ବାହ୍ୟ ଅଭିନେତା ନୁହେଁ। ମୁଁ ଯାହା ଚିନ୍ତା କରୁଛି ତାହା ହେଉଛି ଭିତରୁ ଆସୁଥିବା ବିପଦ।

ୟୁରୋପ ପାଇଁ ସମସ୍ୟା ହେଉଛି ଯେ, ଏହା ଏପର୍ଯ୍ୟନ୍ତ ସୁରକ୍ଷା ପାଇଁ ଆମେରିକା ଉପରେ ନିର୍ଭରଶୀଳ ଥିଲା। ସଙ୍କଟ ସମୟରେ ଏହା ଅନିବାର୍ଯ୍ୟ। ତେବେ ପ୍ରଶ୍ନ ହେଉଛି, ୟୁରୋପ ଏବେ କେଉଁଠିକୁ ଯିବେ ? ଉତ୍ତର ବୋଧହୁଏ ଆମ ଆଡ଼କୁ ବୋଲି ପୂର୍ବତନ ଜର୍ମାନ କୂଟନୀତିଜ୍ଞ ଉଲଫଗାଙ୍ଗ ଇସଚିଙ୍ଗର ପଲିଟିକୋକୁ କହିଛନ୍ତି । ହୁଏତ ୟୁରୋପକୁ ଆତ୍ମନିର୍ଭରଶୀଳତା ଆଡକୁ ଠେଲିବା ପାଇଁ ଏକ ଝଟକା ଆବଶ୍ୟକ। ସେ କହିଛନ୍ତି ଯେ ୟୁରୋପୀୟ ନେତାମାନେ ଏବେ ଯେଉଁ ପରିସ୍ଥିତି ପାଇଁ ଦୁଃଖ ପ୍ରକାଶ କରୁଛନ୍ତି ସେଥିପାଇଁ ସେମାନେ ଆଂଶିକ ଭାବରେ ଦାୟୀ ବୋଲି ସେ କହିଛନ୍ତି। ୟୁରୋପୀୟ ନେତାମାନେ ଏବେ ପ୍ରତିରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ବିଷୟରେ କଥାବାର୍ତ୍ତା କରୁଛନ୍ତି, କିନ୍ତୁ ଅନ୍ୟମାନେ ଭୟ କରୁଛନ୍ତି ଯେ, ଏହା ବହୁତ ଡେରି ହୋଇଯାଇପାରେ। ସେମାନେ ଭୟ କରୁଛନ୍ତି, ଟ୍ରମ୍ପ ପ୍ରଶାସନ ବନ୍ଧୁ ନୁହେଁ, ବରଂ ଶତ୍ରୁ। ଆମେ ଏବେ ଜଣେ ରୁଷିଆ। ରାଷ୍ଟ୍ରପତି ଯିଏ ୟୁରୋପକୁ ଧ୍ୱଂସ କରିବାକୁ ଚାହୁଛନ୍ତି ଏବଂ ଜଣେ ଆମେରିକୀୟ ରାଷ୍ଟ୍ରପତି ଯିଏ ୟୁରୋପକୁ ଧ୍ୱଂସ କରିବାକୁ ଚାହୁଛନ୍ତି ଉଭୟଙ୍କ ମଧ୍ୟରେ ରହିଛୁ ବୋଲି ବରିଷ୍ଠ ଇୟୁ କୂଟନୀତିଜ୍ଞ କହିଛନ୍ତି। ଆଟଲାଣ୍ଟିକ ମହାସାଗରୀୟ ମେଣ୍ଟ ଶେଷ ହେବାକୁ ଯାଉଛି ବୋଲି ସେ କହିଛନ୍ତି।

